

ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ।
– ଶିରିଡି ସାଇବାବା



## ସଂକ୍ଷେପରେ

### ଶୁଭାରମ୍ଭ ହେଲା ଇଭିଏମ୍ ସଚେତନତା ରଥ

ଜୟପୁର,୭।୧(ଡି.ଏନ.ଏ): ମତଦାତାଙ୍କୁ ଇଭିଏମ୍ ଏବଂ ଭିଭିପ୍ୟାଟ୍ ସମ୍ପର୍କରେ ସଚେତନ କରାଇବା ପାଇଁ ସୋମବାର ସଚେତନତା ରଥ ଶୁଭାରମ୍ଭ ହୋଇଛି। ଉକ୍ତ ରଥଗୁଡ଼ିକ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଜୟପୁର ଏବଂ କୋଟପାଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ରାଜସ୍ୱ ଗ୍ରାମ ବୁଲି ମତଦାତାଙ୍କୁ ସଚେତନ କରିବ। ଏଥିରେ ୧୨ଟି ରଥ ମାଧମରେ ଜୟପୁର ନିର୍ବାଚନ ମଣ୍ଡଳୀର ଜୟପୁର ବ୍ଲକର ୨୨ଟି ପଞ୍ଚାୟତ ଓ ପୌରାଞ୍ଚଳ ଏବଂ ବୋରିଗୁମ୍ମା ବ୍ଲକର ୧୯ଟି , କୋଟପାଡ଼ ନିର୍ବାଚନ ମଣ୍ଡଳୀର କୋଟପାଡ଼ ବ୍ଲକ୍ ୧୭ଟି ପଞ୍ଚାୟତ ଏବଂ ଏନ୍ଏସି, କୁନ୍ଦୁରାର ୧୬ଟି, ବୈପାରୀଗୁଡ଼ାର ୯ଟି ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମକୁ ରଥ ପହଞ୍ଚି ଯୁବ ଭୋଟରଙ୍କୁ ସଚେତନ କରିବ। ପ୍ରତ୍ୟେକ ରଥରେ ୨ଜଣ ସଂପ୍ରସାରଣ ଅଧିକାରୀ, ୨ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ଜଣେ ସୁରକ୍ଷା କର୍ମୀ ନିୟୋଜିତ ହେବେ। ଏହି ସଚେତନ ରଥକୁ ଉପଜିଲାପାଳ ଲୋକନାଥ ଦଳବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ଜୟପୁର ବିଡିଓ ସୂରଜ ପଟ୍ଟନାୟକ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ, ମୁଖ୍ୟ କିରାଣି କମଳକାନ୍ତ ରଥ ଏବଂ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀ ମୂରଲୀ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

### ସୁରକ୍ଷିତ ନୌକା ଚାଳନା ପ୍ରଶିକ୍ଷଣ ଶିବିର

କୋରାପୁଟ, ୭।୧(ସ୍ୱ.ପ୍ର.) :ସୋମବାର ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ସୁରକ୍ଷିତ ନୌକାଚାଳନା ନେଇ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲା ଜରୁରିକାଳୀନ ଅଧିକାରୀ ଦେବବ୍ରତ କରାଡି ଶିବିରରେ ଅଧକ୍ଷତା କରି ସୁରକ୍ଷିତ ନୌକାଚାଳନା ନେଇ ମତ ରଖିଥିଲେ। ଓଏସ୍ଏପି ତୃତୀୟ ବାଟାଲିୟନର ଓଡ୍ରାଫ ଦଳର ବହୁ ପ୍ରଶିକ୍ଷକ ସୁରକ୍ଷିତ ନୌକା ଚାଳନାର ବିଭିନ୍ନ କୌଶଳ ସମ୍ବନ୍ଧରେ ନାବିକ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରକାଶ ଯେ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାରେ ଡ଼ଙ୍ଗାବୁଡି ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର ସୁରକ୍ଷିତ ନୌକାଚାଳନା ପାଇଁ ସମସ୍ତ ଜିଲାରେ ପ୍ରଶିକ୍ଷଣ ଶିବିର କରିବାକୁ ଜିଲା ଜରୁରିକାଳୀନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

### ନୂତନ ନିର୍ବାହୀଯନ୍ତ୍ରୀଙ୍କ ଯୋଗଦାନ

କୋଲାବନଗର,୭।୧(ଡି.ଏନ୍.ଏ.): କୋରାପୁଟ ଜିଲା ଅପର କୋଲାବ ଯୋଜନା ମୁଖ୍ୟ କାର୍ଯ୍ୟନିର୍ବାହୀ ଖଣ୍ଡରେ ଇଂ ସରୋଜ କୁମାର ସାହୁ ନୂତନ ନିର୍ବାହୀ ଯନ୍ତ୍ରୀଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଡ୍ୟାମ୍ ସୁରକ୍ଷା, ଚାଷ କାର୍ଯ୍ୟ ପାଇଁ ନିୟମିତ ଜଳ ଯୋଗାଣ ସହ ଅନେକ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବା ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

### କାଳିଆ ଯୋଜନାରେ ସାମିଲ ପାଇଁ ଚାଷୀଙ୍କ ଭିଡ଼



ଦଶମନ୍ତପୁର,୭।୧(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତରେ କାଳିଆ ଯୋଜନାରେ ସାମିଲ ହେବା ନେଇ ଚାଷୀଙ୍କ ଭିଡ଼ ଜମୁଛି। ଦଶମନ୍ତପୁର ପଞ୍ଚାୟତରେ ଯୋଗାଣ ସହାୟକ ଆଶିଷ କୁମାର ଖରାଙ୍କ ତତ୍ତ୍ୱାବଧାନରେ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଉଥିବା ବେଳେ କୃଷି ବିଭାଗର ଏଲ୍ଭିଏଲ୍ଡବ୍ଲ୍ୟୁ ପୁଷ୍ପାଞ୍ଜଳି ସାହୁକାର ଏବଂ ପଶୁ ଚିକିତ୍ସାଧିକାରୀ ଚିନ୍ମୟ ଶ୍ରୀଚନ୍ଦନ ସାହୁ ଉପସ୍ଥିତ ଥିଲେ। ମୋଟ ୧୦୦୦ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ବଳକା ଚାଷୀଙ୍କୁ କିଭଳି ଯୋଜନାରେ ସାମିଲ କରାଯାଇ ପାରିବ ସେ ନେଇ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ୧୦ ତାରିଖ ମଧରେ ସମସ୍ତ ଚାଷୀଙ୍କୁ ସାମିଲ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ସେହିପରି ମୁର୍କାର ଜିପିରେ ୭ଶହ ଚାଷୀଙ୍କୁ ସାମିଲ କରାଯାଇଥିବା ଉଦ୍ୟାନ ବିଭାଗର ଅଧିକାରୀ ମଧୁସୂଦନ ବାଣୁଆ ସୂଚନା ଦେଇଛନ୍ତି। ଏ. ମାଲକାନଗିରି ପଞ୍ଚାୟତରେ ମୋଟ ୯୯୫ ଜଣ ଚାଷୀଙ୍କୁ ସାମିଲ କରାଯାଇଛି ବୋଲି ସରପଞ୍ଚ ନିୟୋତି ଗିରେମ୍ କହିଛନ୍ତି। ୧୬ ପଞ୍ଚାୟତର ସମସ୍ତ ଚାଷୀଙ୍କୁ ୧୦ ତାରିଖ ମଧରେ ଯୋଜନାରେ ସାମିଲ କରିବାକୁ ଏବିଡ଼ିଓ ରଜନୀକାନ୍ତ ଦାଶ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

■ ଡକାୟତି ଯୋଜନା ପଣ୍ଡ କଲା ପୋଲିସ

# ଧରିଲା ୭, ଛାଡ଼ିଲା ୨



ଗିରଫ ହୋଇଥିବା ୪ ଅଭିଯୁକ୍ତ।



ପୋଲିସ ସହିତ ଅଟକ ଯୁବକଙ୍କ ପରିବାର ସଦସ୍ୟଙ୍କ ଧସ୍ତାଧସ୍ତି।

■ ପୋଲିସ-ଯୁବକଙ୍କ ପରିବାର ସଦସ୍ୟ ଧସ୍ତାଧସ୍ତି
■ ଆତ୍ମହତ୍ୟା ଧମକ ଦେଇଥିଲେ ମା'
■ ପୋଲିସ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କଲେ ଅଞ୍ଚଳବାସୀ

ଜୟପୁର,୭।୧(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସଦର ପୋଲିସ ଥାନାରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ରବିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ସଦର ଥାନା ଅନ୍ତର୍ଗତ ରାଣିପୁଟଠାରେ କେତେଜଣ ଯୁବକ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ଚଢଉ କରି ୭ ଜଣଙ୍କୁ କାବୁ କରିଛି। ସେମାନେ ହେଲେ କୁସୁମପୁଟର ଲାଲ ବାହାଦୁର ଦର୍ଜୀ(୨୪), କୋରାପୁଟର ଆକାଶ ବାଘ (୨୩), ଭକ୍ତ ମୁଦୁଲୀ (୨୩), ଜୟପୁରର ରୁନା ତୁରୁକ (୨୫), ବଳରାମ ପାଣିଗ୍ରାହୀ ଏବଂ ଆଲୋକ ମହାରଣା ବୋଲି ପୋଲିସ କହିଛି। ଅନ୍ୟ ଜଣଙ୍କ ପରିଚୟ ଜଣାପଡ଼ି ନାହିଁ। ଏମାନଙ୍କଠାରୁ ପୋଲିସ ମାଉଜର, ୭ ଏମ୍ଏମ୍ର ବିଅର ବୋତଲ ୭ଟି, ୨ଟି ଖୋକା, ୬ଟି ମୋବାଇଲ, ଗୋଟିଏ ଛୁରି, ଲଙ୍କାଗୁଣ୍ଡ, ଗୋଟିଏ ବାଇକ୍ ଏବଂ ଗୋଟିଏ ସ୍କୁଟି ଜବତ କରିଛି। କିନ୍ତୁ ଏହି ୭ ଜଣଙ୍କ ମଧରେ ବଳରାମ ଓ ଆଲୋକ ନିର୍ଦ୍ଦୋଷ ବୋଲି ତାଙ୍କ ପରିବାର କହିଛନ୍ତି। ଏନେଇ ରାଜେନ୍ଦ୍ର ପାଣିଗ୍ରାହୀ ଓ ମହାଲକ୍ଷ୍ମୀ ପାଣିଗ୍ରାହୀ ଅପରାହ୍ନ ୧୦ଟାରେ ଥାନାରେ ପହଞ୍ଚି ଅଧିକାରୀଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। କିନ୍ତୁ ୪ ଘଣ୍ଟା ଅପେକ୍ଷା ପରେ ମଧ ଥାନା ଅଧିକାରୀଙ୍କୁ ସାକ୍ଷାତ କରିପାରି ନ ଥିଲେ। ଶେଷରେ ବାଧହୋଇ ସେମାନେ ଥାନା ଅଧିକାରୀଙ୍କ ଚାମ୍ବରକୁ ପଶିବାକୁ ଚେଷ୍ଟା କରିଥିଲେ । ଫଳରେ ଥାନା ପରିସର ମଧରେ ପୋଲିସ ଏବଂ ଉକ୍ତ ଦୁଇ ଜଣଙ୍କ ପରିବାର ସଦସ୍ୟଙ୍କ ମଧରେ ଧସ୍ତାଧସ୍ତି ହୋଇଥିଲା। ଜଣେ ମହିଳା ୫ ବର୍ଷର ଶିଶୁକୁ ଧରି ଥାନା ଭିତରକୁ ପଶିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ତାଙ୍କୁ ଅଟକାଇଥିଲା। ପରିବାର ଲୋକଙ୍କ କହିବା କଥା ବଳରାମ ଓ ଆଲୋକଙ୍କୁ କେଉଁ ଅପରାଧରେ ପୋଲିସ ଅଟକ ରଖିଛି , ତାହା ସ୍ୱଷ୍ଟ କରୁ। ଯଦି ସେମାନେ ଅପରାଧ କରିଛନ୍ତି , ତେବେ ସେମାନେ ଚାଲିଯିବେ। ସେମାନଙ୍କ ନାମରେ ପୂର୍ବରୁ କୌଣସି ଅପରାଧିକ ମାମଲା ନାହିଁ । ସେମାନେ ନିର୍ଦ୍ଦୋଷ ହୋଇଥିବାବେଳେ ପୋଲିସ ଆକ୍ରୋଶମୂଳକଭାବେ ସେମାନଙ୍କୁ ଡକାୟତି ମାମଲାରେ ଗିରଫ କରି କୋର୍ଟଚାଲାଣ କରିବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛନ୍ତି । ଯଦି ତାଙ୍କ ପୁଅକୁ ନ ଛାଡିବେ, ତେବେ ବିଷପିଇ ଥାନାରେ ଆତ୍ମହତ୍ୟା କରିବେ ବୋଲି ମହାଲକ୍ଷ୍ମୀ ପୋଲିସକୁ ଚେତାବନୀ ଦେଇଛନ୍ତି। ଏହି ଘଟଣା ପରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିବା କହିବା ସହ ଅନ୍ୟ ୩ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା ଚଳାଇଥିବା ସୂଚନା ଦେଇଛି। ଲାଲ ବାହାଦୁରଙ୍କ ନାମରେ ୧୫ଟି ମାମଲା ରହିଛି। ସେ ଗତ ନଭେମ୍ବର ମାସ ୨୮ରେ ପୋଲିସ ହେପାଜତରୁ ଚମ୍ପଟ ମାରିଥିଲା। ଆକାଶଙ୍କ ନାମରେ ୧୩ ଟି ମାମଲା ରହିଥିବାବେଳେ ରୁନାଙ୍କ ନାମରେ ୯ ଏବଂ ଭକ୍ତଙ୍କ ନାମରେ ୨ଟି ମାମଲା ରହିଥିବା ଖବରଦାତା ସମ୍ମିଳନୀରେ ପୋଲିସ୍ ଅଧିକାରୀ ସ୍ନେହାଶିଷ ସାହୁ, ଏସ୍‌ପିଓ ଟି.ଜେ.ରେଡ୍ଡି, ସଦରଥାନା ଅଧିକାରୀ କୈଳାସ ସେଠୀ ସୂଚନା ଦେଇଛନ୍ତି। ବଳରାମ ଏବଂ ଆଲୋକଙ୍କୁ ପୋଲିସ ଛାଡିଦେଇଥିବା ସୋମବାର ସନ୍ଧ୍ୟାରେ ସୂଚନା ଦେଇଛି। ପାଟ୍ରୋଲିଂ ସମୟରେ ଏମାନେ ରାତିରେ ବୁଲୁ ଥିବାରୁ ସେମାନଙ୍କୁ ଧରାଯାଇଥିଲା। ତଦନ୍ତ ପରେ ସେମାନଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ନ ଥିବାରୁ ସେମାନଙ୍କୁ ଛାଡିଦିଆଯାଇଛି ବୋଲି ପୋଲିସ କହିଛି। ଅପରପକ୍ଷେ ଉକ୍ତ ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଏବଂ ପୋଲିସକୁ ଚେତାବନୀ ଦେବା ପରେ ସେମାନଙ୍କୁ ଛାଡ଼ି ଦେଇଥିବା ଅନୁମାନ କରାଯାଉଛି। ଗତ ରାତିରେ ୭ ଜଣଙ୍କୁ ଗିରଫ କରିଥିବା ପୋଲିସ ଖବରଦାତାଙ୍କୁ ସୂଚନା ଦେଇଥିବାବେଳେ ସୋମବାର ସନ୍ଧ୍ୟାରେ ପରିବାର ଲୋକଙ୍କ ଚାପରେ ଦୁଇ ଯୁବକଙ୍କୁ ଛାଡ଼ିଦେବା ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ସହଜରେ ହଜମ କରିପାରି ନାହାନ୍ତି। ଏଥିରେ ପୋଲିସର କାର୍ଯ୍ୟଦକ୍ଷତାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ଅନେକ ନିରୀହ ଲୋକଙ୍କୁ ମିଥ୍ୟା ମାମଲାରେ ପୋଲିସ ଫସାଇ ଦେଉଥିବା ଅଭିଯୋଗ ହୋଇଛି।

## ୨ କୋଟି ୬୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ବୈପାରୀଗୁଡ଼ା, ୭।୧(ଡି.ଏନ୍.ଏ)

ସୋମବାର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ମାଓବାଦୀପ୍ରବଣ ମାଝିଗୁଡ଼ା ପଞ୍ଚାୟତ ବଡ଼ ବାଙ୍କୁଲି ନିକଟବର୍ତ୍ତୀ ପାହାଡ଼ରେ ଅବକାରୀ ଓ ପୋଲିସ ବିଭାଗ ମିଳିତ ଚଢଉ କରି ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି। ପୂର୍ବ ସୂଚନାକୁ ଆଧାର କରି ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସୋମବାର ଉକ୍ତ ଚଢଉ କରାଯାଇଥିଲା। ମାଓବାଦୀ ପ୍ରବଣ ଅଞ୍ଚଳ ହେତୁ ପ୍ରଶାସନ ବ୍ୟାପକ ପ୍ରସ୍ତୁତିରେ ରବିବାର ରାତି ପ୍ରାୟ ୨ ଟା ସମୟରେ ଅବକାରୀ ଓ ପୋଲିସ କର୍ମଚାରୀଙ୍କ ସମେତ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ସାହୁ ଉକ୍ତ ଅଞ୍ଚଳକୁ ଯାଇଥିଲେ। ବିଏସ୍ଏଫ୍ ପକ୍ଷରୁ ସମସ୍ତ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ୨୬ ହେକ୍ଟର ଜମି ଚାଷ ହୋଇଥିବା ଗଞ୍ଜେଇ ଗଛ ସବୁ ଉପୁଡାଯାଇ ପୋଡି ଦିଆଯାଇଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୨ କୋଟି ୬୦ ଲକ୍ଷ ହେବ। ତେବେ ଏଥିରେ ସଂପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି। । ଉକ୍ତ ଚଢଉରେ ବୈପାରୀଗୁଡ଼ା ଥାନା ଏସ୍ଆଇ ଜିତେନ୍ଦ୍ର କୁମାର ନାୟକ , ଜୟପୁର ଅବକାରୀ ବିଭାଗର ନିରୀକ୍ଷକ ତେଜରାଜ ଜାନି, କୋରାପୁଟ ଅବକାରୀ ନିରୀକ୍ଷକ ବିବେକାନନ୍ଦ ପେରେଲି, ଜୟପୁର ଅବକାରୀ ଉପନିରୀକ୍ଷକ ସନ୍ତୋଷ କୁମାର ପାଉଲେ , କୋରାପୁଟ ଉପନିରୀକ୍ଷକ ମନମୋହନ ଧାଙ୍ଗଡା ମାଝିଙ୍କ ସମେତ ମାଲକାନଗିରି ଜିଲାର ଅବକାରୀ ବିଭାଗର କର୍ମଚାରୀ ସାମିଲ ଥିଲେ।

## ୧୩ ଦଫା ଦାବିରେ ଅଙ୍ଗନୱାଡି ସଂଘର ବିକ୍ଷୋଭ




ଅଙ୍ଗନୱାଡି କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କୋରାପୁଟ, ୭।୧(ସ୍ୱ.ପ୍ର.)

ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ୧୩ ଦଫା ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସହକାରୀ ଜିଲାପାଳ ଭବାନୀଶଙ୍କର ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଆସୋସିଏଶନର ଜିଲା ସଭାପତି ସଂଯୁକ୍ତା ସାହୁ ଓ ସମ୍ପାଦିକା ଲକ୍ଷ୍ମୀ ହୋତାଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ସ୍ଥାନରୁ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସହାୟିକା ସ୍ଥାନୀୟ ବସଷ୍ଟାଣ୍ଡ ଶିବ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ମିନି ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ସୁପରଭାଇଜର ପଦବୀକୁ କେବଳ ଅଙ୍ଗନୱାଡି କର୍ମୀଙ୍କୁ ସୁପରଭାଇଜର ଭାବେ ପଦୋନ୍ନତି, ଶିଶୁମାନଙ୍କୁ ଦିଆଯାଉଥିବା ବିଭିନ୍ନ ଖାଦ୍ୟ ତାଲିକାର ମୂଲ୍ୟ ବୃଦ୍ଧି, ଗାଁ କଲ୍ୟାଣ ସମିତି କାର୍ଯ୍ୟରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ, ଏକ ମାସ ଖରାଛୁଟି, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଅବସର ବୟସ ୬୫ ବର୍ଷକୁ ବୃଦ୍ଧି, ଅବସର ପରେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ୨ଲକ୍ଷ ଟଙ୍କା ପ୍ରଦାନ, କାର୍ଯ୍ୟକାଳ ମଧରେ ମୃତ୍ୟୁ ଘଟିଲେ ୫ଲକ୍ଷ ଓ ସାଧାରଣ ମୃତ୍ୟୁ ହେଲେ ୨ଲକ୍ଷ ଟଙ୍କା ପ୍ରଦାନ, ମମତା ଯୋଜନା ସଫଳତା ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ୫ ଶହ ଓ ସହାୟିକାଙ୍କୁ ୨ ଶହ ଟଙ୍କା ପ୍ରୋତ୍ସାହନ ରାଶି, ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ରନ୍ଧନ ଗ୍ୟାସ ଯୋଗାଣ, ଅଙ୍ଗନୱାଡି କର୍ମୀଙ୍କ ଅଭିଜ୍ଞତାକୁ ଅଗ୍ରାଧିକାର ଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ପଦୋନ୍ନତି, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସମ୍ବଲପୁରୀ ଶାଢି ପ୍ରଦାନ କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ମାଜିଷ୍ଟ୍ରେଟ ଭାବେ କୋରାପୁଟ ଅତିରିକ୍ତ ତହସିଲଦାର ସସ୍ମିତା ଜେନାଙ୍କ ସହ ଟାଉନଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ଉପସ୍ଥିତ ଥିଲେ।

## ନାଲ୍‌କୋର ୩୯ତମ ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ନାଲ୍କୋ ଅଧିକାରୀ ଓ ଅନ୍ୟମାନେ।

ଦାମନଯୋଡ଼ି/ସେମିଳିଗୁଡ଼ା, ୭।୧(ସ୍ୱ.ପ୍ର./ଡି.ଏନ୍.ଏ.)

ନାଲ୍କୋ ଖଣି ଓ ପରିଶୋଧନ ପ୍ରକଳ୍ପର ୩୯ତମ ପ୍ରତିଷ୍ଠା ଦିବସ ସେକ୍ଟର-୧ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଦାମନଯୋଡିର ଇଷ୍ଟଦେବୀ ମା' କଣ୍ଟାବାଉଁଶୁଣିଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଠାକୁରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ନାଲ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ଏହାର ଶୁଭାରମ୍ଭ କରିଥିଲେ। ଟାଉନ୍‌ଶିପ୍ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ମଙ୍ଗଳାଚରଣ ପ୍ରଦର୍ଶନ କରିବା ପରେ ନାଲ୍କୋ ମହାପ୍ରବନ୍ଧକ ରାଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଆଲୁମିନା ବାଳିକା ବିଦ୍ୟାଳୟ, ମାଲୁସାଉନ୍ତା ସରକାରୀ ନୋଡାଲ ବିଦ୍ୟାଳୟ ଓ ଏକ୍ସବୋର୍ଡ ସ୍କୁଲର ୨୦ ଜଣ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ନାଲ୍କୋ କି ଲାଡ୍‌ଲୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଖଣି ଓ ପରିଶୋଧନ ପ୍ରକଳ୍ପରେ କାର୍ଯ୍ୟରତ ୧୪ ଜଣ କର୍ମଚାରୀଙ୍କୁ ଉତ୍ତମ କାର୍ଯ୍ୟବତ୍ତା ଓ ସମାଜସେବା ପାଇଁ ସର୍ବୋତ୍ତମ କୁଶଳୀ କର୍ମଚାରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଠାରେ ଥିବା ୧୨ଟି ୟୁନିୟନ ଓ ଆସୋସିଏଶନ କର୍ମକର୍ତ୍ତା ପ୍ରତିଷ୍ଠା ଦିବସ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନାଲ୍କୋ ମହାପ୍ରବନ୍ଧକ ରାଜୀବ କୁମାର ମିଶ୍ର, ପ୍ରଶାନ୍ତ କୁମାର ଷଡଙ୍ଗୀ, ଭୀମସେନ ପ୍ରଧାନ, ରାମଚନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର ଯୋଶୀ, ମହମ୍ମଦ ଫରିଦ ଓ ନେତ୍ରାନନ୍ଦ ମହାରଣାଙ୍କ ସହ ସିଆଇଏସ୍ଏଫ୍ କମାଣ୍ଡାଣ୍ଟ ପି.କେ. ଭାରତୀ, ସୁରକ୍ଷା ପରାମର୍ଶଦାତା ରାକେଶ ଶର୍ମା, ସ୍ଥାନୀୟ ଏସ୍ଭିଏମ୍ ଓ ଡିପିଏସ୍ର ଅଧକ୍ଷ, ଅଧକ୍ଷା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନାଲ୍କୋ ଉପମହାପ୍ରବନ୍ଧକ ସୁଦୀପ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ନିର୍ମଳ ରାଉତ ଓ ପ୍ରଦୀପ କୁମାର ପାଟଯୋଶୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସରସ୍ୱତୀ ବିଦ୍ୟାମନ୍ଦିର ଓ ଦିଲ୍ଲୀ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବିଦ୍ୟୁତ ଖୁଣ୍ଟିକୁ ପିଟିଲା କାର୍

ଦାମନଯୋଡ଼ି, ୭।୧(ଡି.ଏନ୍.ଏ.)

କୋରାପୁଟ ଜିଲା ନାଲକୋ ଶିଳ୍ପାଞ୍ଚଳର ସେକ୍ଟର ଦୁଇ ନର୍ସରୀଠାରେ ରବିବାର ବିଳମ୍ବିତ ରାତିରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ଗୁରୁତର ହୋଇ ନାହାନ୍ତି। ପ୍ରକାଶଯେ, ରେଜାପୁଟସ୍ଥିତ ଦେବୀ ଟ୍ରାଭେଲ୍ସର ଏକ କାର ବିଜୟାନଗରରୁ କିଛି ଯାତ୍ରୀନେଇ ଦାମନଯୋଡି ସେକ୍ଟର-୩ ଅଭିମୁଖେ ବାହାରିଥିଲା। ଗାଡ଼ିଟି ସେକ୍ଟର-୨ ନିକଟରେ ଏକ କଲ୍‌ଭର୍ଟ ଉପରେ ଚଢିଯିବା ସହ ବିଦ୍ୟୁତ ଖୁଣ୍ଟକୁ ଆଘାତ ଦେଇଥିଲା। ଏଥିରେ ଖୁଣ୍ଟିଟା ଉପୁଡିଯିବା ସହ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ

ବୈପାରୀଗୁଡ଼ା,୭।୧(ଡି.ଏନ୍.ଏ)

ସୋମବାର ବୈପାରୀଗୁଡ଼ା ବ୍ଲକ୍‌ସ୍ତରୀୟ ନିଖିଳ ଉତ୍କଳ ପ୍ରାଥମିକ ସଂଘ ପକ୍ଷରୁ ସ୍ଥାନୀୟ ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ସଂଘର ୭୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ର ସଂଘ ପତାକା ଉତ୍ତୋଳନ କରିବା ସମୟରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସଂଘର ସୁଦୃଢ଼ୀକରଣ ଓ ସଂଘପ୍ରତି ସେମାନଙ୍କ କର୍ତ୍ତବ୍ୟ ସଂପର୍କରେ ବରିଷ୍ଠଶିକ୍ଷକମାନେ ମାର୍ଗ ଦର୍ଶନ କରିଥିଲେ।

## କାଳିଆ ସଚେତନତା ରଥ ଶୁଭାରମ୍ଭ




ଜିଲାପାଳ ପତାକା ଦେଖାଇ କାଳିଆ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

କୋରାପୁଟ, ୭।୧(ସ୍ୱ.ପ୍ର.)

କାଳିଆ ଯୋଜନା ସଚେତନତା ଲକ୍ଷ୍ୟ ନେଇ ସୋମବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ଉପଜିଲାପାଳଙ୍କ ଅଫିସରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଜନାର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଏହି ରଥ ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ୨୮ ରାଜସ୍ୱ ଗ୍ରାମରେ ବୁଲି ଚାଷୀମାନଙ୍କୁ କାଳିଆ ଯୋଜନା ସମ୍ବନ୍ଧରେ ସଚେତନ କରିଥିଲା।

## ଇଭିଏମ୍‌ରେ ମତଦାନ ନେଇ ସଚେତନତା

■ ବିଭିନ୍ନ ଅଞ୍ଚଳ ବୁଲିବ ୩୦ ରଥ

କୋରାପୁଟ, ୭।୧(ସ୍ୱ.ପ୍ର.)

ଭୋଟରଙ୍କୁ ଇଭିଏମ୍ ମେଶିନରେ ମତଦାନ ସମ୍ବନ୍ଧରେ ସଚେତନ କରିବା ପାଇଁ ସୋମବାର ଜିଲା ପ୍ରଶାସନ ଏକ ସଚେତନତା ରଥର ଶୁଭାରମ୍ଭ କରିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ, ଲଳିତ କୁମାର କହଁର, ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ, ସବ୍ୟସାଚୀ ବେହେରା, କୋରାପୁଟ ବିଡିଓ ନରେନ୍ଦ୍ର ନାୟକ, କୋରାପୁଟ ମ୍ୟୁନିସିପାଲିଟି ନିର୍ବାହୀଯନ୍ତ୍ରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଗୋଟିଏ ଗାଡି ପୌର ପରିଷଦର ବିଭିନ୍ନ ୱାର୍ଡ ବୁଲି ସହରାଞ୍ଚଳ ଭୋଟରଙ୍କୁ ଓ ଅନ୍ୟ ଏକ ଗାଡିରେ ବ୍ଲକର ଡୋଲିଆମ୍ବ, ମହାଦେଇପୁଟ, ଏକଡେଲି, ରଙ୍ଗେଇଗୁଡାର ଭୋଟରଙ୍କୁ ସଚେତନ କରିବ। ସେକ୍ଟର ଅଫିସର, ସହକାରୀ ସେକ୍ଟର ଅଫିସରଙ୍କ ସମେତ ନୋଡାଲ ଅଧିକାରୀ ପ୍ରଶାନ୍ତ କୁମାର ଦାସ ଏହି ଗାଡ଼ି ସହ ବିଭିନ୍ନ ସ୍ଥାନକୁ ଯାଇଥିଲେ। ପ୍ରାୟ ୩୦ ଟି ସଚେତନତା ରଥ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ବୁଲି ସଚେତନ କରିବ ବୋଲି ଜିଲାପାଳ କହିଛନ୍ତି।

■ ଗ୍ରାମରେ ବେଆଇନ ମଦ ବିକ୍ରିକୁ ନେଇ ତାତିଲେ ମହିଳା

## ଠେଙ୍ଗାଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ

ଜୟପୁର,୭।୧(ଡି.ଏନ.ଏ)




ମଦ ବ୍ୟବସାୟକୁ ବିରୋଧ କରି ମହିଳାମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶୀ ପଞ୍ଚାୟତ ବେଢ଼ାପାଉଁଶୀର ମହିଳା ଶାନ୍ତି କମିଟି ସଦସ୍ୟାଙ୍କ ସହିତ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ବେଆଇନ ମଦ ବିକ୍ରି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ମହିଳାମାନେ ହାତରେ ଠେଙ୍ଗା ଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ବେଆଇନଭାବେ ୩୦ରୁ ଊର୍ଦ୍ଧ୍ୱ ବାସିନ୍ଦା ନିଜଘରେ ଦେଶୀ ଓ ବିଦେଶୀ ମଦ ରଖି ବିକ୍ରି କରୁଛନ୍ତି। ଗ୍ରାମର ପୁରୁଷ ଏବଂ ଆଖପାଖ ଗ୍ରାମର ଯୁବକମାନେ ମଦପିଇ ଗଣ୍ଡଗୋଳ ଏବଂ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏଥିଯୋଗୁ ମହିଳାମାନେ ବାହାରକୁ ବାହାରିବାରେ ସୁରକ୍ଷିତ ମଣୁ ନ ଥିବାବେଳେ ଛୋଟ ଛୋଟ ପିଲାମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଏହାକୁ ବିରୋଧ କରାଯାଉଥିଲେ ସୁଦ୍ଧା ସେମାନଙ୍କୁ ବିଭିନ୍ନ ଧମକ ଚମକ ଦିଆଯାଉଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଉକ୍ତ ବେଆଇନ ମଦବିକ୍ରି ହେଉଥିବା ଘରଗୁଡ଼ିକ ଉପରେ ଚଢଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟଥା ସେମାନେ ଆଇନକୁ ହାତକୁ ନେବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଡିସେମ୍ବର ୯ ତାରିଖଠାରୁ ଗ୍ରାମର ମଦ ରନ୍ଧା ଓ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପୂର୍ବରୁ ଶାନ୍ତି କମିଟିର ସଦସ୍ୟା, ବୁଦ୍ଧିଜୀବୀ ଏବଂ ମହିଳାମାନେ ଏକ ପ୍ରସ୍ତାବ ଗ୍ରହଣ କରିଥିଲେ। ଏଥିନେଇ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଘେରାଉ କାର୍ଯ୍ୟକ୍ରମରେ ଗ୍ରାମର ମହିଳା ଲକ୍ଷ୍ମୀ ରାଉଳ, ମତାଇ କେଉଟ, ଲକ୍ଷ୍ମୀ ଭତ୍ରା, ରତ୍ନା ଭତ୍ରା, ହୀରାମଣି କେଉଟ, ରାମା ଭତ୍ରା, ରଇଲା ଭତ୍ରା, ଶ୍ରୀମତୀ ଭତ୍ରା, ଗୋରା କେଉଟ, ଚଞ୍ଚଳା ଭତ୍ରା, ମଣିମା ଭତ୍ରା, ଧନମତି ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଗୁଡନ୍ୟୁଜ ଇଣ୍ଡିଆ ଅନ୍ତେବାସୀଙ୍କୁ ଥଇଥାନ ପାଇଁ ଦାବି



ନବରଙ୍ଗପୁର,୭ା୧(ବି.ପ୍ର)- ବେନିୟମଭାବେ କାର୍ଯ୍ୟକରୁଥିବା ଗୁଡନ୍ୟୁଜ ଇଣ୍ଡିଆ ଅନୁଷ୍ଠାନର ହଷ୍ଟେଲକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ଏଠାରେ ୧୦୩ଜଣ ଅନ୍ତେବାସୀ ରହି ପାଠ ପଢୁଥିଲେ । ତେବେ ଏହି ଅନୁଷ୍ଠାନ ବନ୍ଦ କରାଯିବାରୁ ସମସ୍ତ ଅନ୍ତେବାସୀଙ୍କୁ ତାଙ୍କ ନିଜ ଘରକୁ ପଠାଇ ଦିଆଯାଇଛି । ଫଳରେ ଏକ ମାସ ୫ଦିନ ହେଲା ଅନ୍ତେବାସୀମାନେ ସେମାନଙ୍କର ଗାଁରେ ରହୁଥିବାବେଳ ପାଠପଢିବାର ସୁଯୋଗ ପାଇ ପାରୁନଥିବା କହିଛନ୍ତି । ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅନ୍ତେବାସୀମାନେ ସେମାନଙ୍କର ବାର୍ଷିକ ପରୀକ୍ଷା ପର୍ଯ୍ୟନ୍ତ ରହିବାର ବ୍ୟବସ୍ଥା କରିବାକୁ ଜଣାଇଛନ୍ତି । ଆସନ୍ତା ୨ ମାସ ମଧ୍ୟରେ ସେମାଙ୍କର ବାର୍ଷିକ ପରୀକ୍ଷା ହେବ । ଏଥିପ୍ରତି ଜିଲାପ୍ରଶାସନ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଅନ୍ତେବାସୀମାନେ ଗରିବ ହୋଇଥିବାରୁ ସେମାନେ ଏହି ଗୁଡନ୍ୟୁଜ ହଷ୍ଟେଲରେ ରହି ପାଠପଢୁଥିବା କହିବା ସହ ଜିଲା ପ୍ରଶାସନ ପରୀକ୍ଷା ପର୍ଯ୍ୟନ୍ତ ରହିବା ଓ ଖାଇବା ବ୍ୟବସ୍ଥା କରିବାକୁ ଦର୍ଶାଇଛନ୍ତି। ୨୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଓ ଅଭିଭାବକମାନେ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି।

### ୩ ଦମ୍ପତିଙ୍କୁ ଭିନ୍ନକ୍ଷମ ପ୍ରୋତ୍ସାହନ ରାଶି ପ୍ରଦାନ



ନବରଙ୍ଗପୁର,୭ା୧(ବି.ପ୍ର.)- ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଦିଗି ଗାଁର ଭୈରବ ଶଙ୍କର ବେହେରା, ଜଗନ୍ନାଥ ବିଷୋୟୀ ଓ ଇଛାପୁର ଗାଁର ଜୟ ମାଝୀଙ୍କୁ ଭିନ୍ନକ୍ଷମ ବିବାହ ପ୍ରୋତ୍ସହନ ରାଶି ୫୦ ଟଙ୍କା ଲେଖାଏଁ ଚେକ ପ୍ରଦାନ କରିଛନ୍ତି । ସେହିଭଳି ବିକାଶ କିନ୍ନର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆ ଯାଇଛି । ଏହି ଚେକ ପ୍ରଦାନ ସମୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସନ ଅଣାକାର ଠାକୁର ପ୍ରମୁଖ ଉପସ୍ଥିତ ଥିଲେ । ।

### ସରିଲା ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା



କୋରାପୁଟ, ୭ା୧(ସ୍ୱ.ପ୍ର.) ୩ ଦିନ ଧରି ଚାଲିଥିବା ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ସମ୍ପାଦକ ରାମ ପ୍ରସାଦ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଡଃ ଅମୂଲ୍ୟ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପିଲାଙ୍କ ମାନସିକ ଓ ଶାରିରୀକ ବିକାଶ ପାଇଁ କ୍ରୀଡ଼ା ଉପଯୋଗୀ ବୋଲି ସେ କହିଥିଲେ। ତେଣୁ ପ୍ରତ୍ୟେକ ପିଲା ପାଠପଢା ସହିତ ଖେଳରେ ଭାଗ ନେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବୃନ୍ଦାବନ ସାହୁ, ମୋହନ ସରାଫ ଉପସ୍ଥିତ ଥିଲେ। ପୂର୍ବରୁ ଏଲ୍‌କେଜିରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କୁନ୍ତଳା ପଟ୍ଟନାୟକ, କ୍ରୀଡା ଶିକ୍ଷକଙ୍କ ସମେତ ଅନେକ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ୮୨ ବର୍ଷୀୟ ବୃଦ୍ଧା ଜି.ଭେଙ୍କେଟ ଆମ୍ମା

# ଅନ୍ୟଙ୍କ ପାଇଁ ପ୍ରେରଣାର ଉତ୍ସ

■ ପରିଣତ ବୟସରେ ତୀର୍ଥଯାତ୍ରୀଙ୍କ ପାଇଁ ଗାଇଡ ସାଜିଛନ୍ତି
■ ୨୨ ବର୍ଷରେ ୧୦ ଥର ତୀର୍ଥଯାତ୍ରୀଙ୍କୁ ବିଭିନ୍ନ ତୀର୍ଥ କ୍ଷେତ୍ର ଭ୍ରମଣ କରାଇଛନ୍ତି
■ ବୃଦ୍ଧାଙ୍କୁ ଘରେ ଆଶ୍ରୟ ଦେଇ ମଣିଷ ପଣିଆ ଦେଖାଇଛନ୍ତି ଏନ. ଶଙ୍କର



ନବରଙ୍ଗପୁର,୭ା୧( ବି.ପ୍ର. )– ଦୃଢ ମନୋବଳ ଥିଲେ ସବୁ କିଛି ସମ୍ଭବପର । ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ଲକ୍ଷ୍ୟ ପୂରଣ କରିବାରେ ବାଧକ ସାଜି ନ ଥାଏ । ଯାହା ପ୍ରମାଣ କରି ଦେଖାଇଛନ୍ତି ୮୨ ବର୍ଷର ବୃଦ୍ଧା ଜି. ଭେଙ୍କେଟ ଆମ୍ମା । ଅନ୍ୟଙ୍କ ପାଇଁ ସେ ପ୍ରେରଣା ସାଜିଛନ୍ତି । ପରିଣତ ବୟସରେ ମଧ୍ୟ ସେ ଯେଉଁ ଦୃଢତାର ସହ ତୀର୍ଥ ଯାତ୍ରୀଙ୍କ ପାଇଁ ଗାଇଡ ଭାବେ କାର୍ଯ୍ୟ କରୁଛନ୍ତି ତାହା ସମସ୍ତଙ୍କୁ ଚକିତ କରିଥାଏ । ଅନ୍ୟ ପକ୍ଷେ ଭେଙ୍କେଟଙ୍କ ନିଜର ବୋଲି କେହି ନଥିବାରୁ ଏନ. ଶଙ୍କର ତାଙ୍କୁ ନିଜ ଘରେ ଆଶ୍ରୟ ଦେବା ସହ ମଣିଷ ପଣିଆ ଦେଖାଇଛନ୍ତି।

ଭେଙ୍କେଟ ଆମ୍ମା ପ୍ରତ୍ୟେକ ବର୍ଷ ତୀର୍ଥଯାତ୍ରୀଙ୍କୁ ନେଇ ବିଭିନ୍ନ ସ୍ଥାନ ଦେଖାଇ ଘରକୁ ସୁରକ୍ଷିତ ଭାବେ ଫେରାଇ ଆଣିଥାନ୍ତି । ୨୨ ବର୍ଷ ମଧ୍ୟରେ ୧୦ଥର ତୀର୍ଥ ଯାତ୍ରୀଙ୍କୁ ବିଭିନ୍ନ ତୀର୍ଥ କ୍ଷେତ୍ର ଭ୍ରମଣ କରାଇଛନ୍ତି ବୋଲି କହିଛନ୍ତି । କାର୍ତ୍ତିକ ମାସରେ ୭୦ ଜଣଙ୍କୁ ହରିଦ୍ୱାର ନେଇ ଏକ ମାସ ରଖିବା ପରେ ପୁରୀ ଭ୍ରମଣ କରାଇ ଫେରି ଥିଲେ । ସୋମବାର ନବରଙ୍ଗପୁର ଗାଦବାଗୁଡା, ରାଜୁ ସାହି ଓ ଉମୁରି ଗାଁର ୩ ଜଣଙ୍କୁ ମକର ବୁଡ ପାଇଁ କୋଲକତା ନିକଟସ୍ଥ ଗଙ୍ଗା ସାଗର ନେଇଛନ୍ତି । ଏହା ସମେତ ନଦିଆ ନୌଦିପ, ମାୟାନଗରି, ଚୈତନ୍ୟଙ୍କ ଜନ୍ମ ସ୍ଥାନ, ବାବାଧାମ, କୋଲକତା, ଦକ୍ଷୀଣ କାଳୀ, ଭେଲୋର ମଠ, ଭିଟୋରିୟା, ପୁରୀ ଆଦି ଭ୍ରମଣ କରାଇ ୨୧ ତାରିଖରେ ନବରଙ୍ଗପୁର ଫେରିବେ ବୋଲି କହିଛନ୍ତ । ଜୟପୁର ରେଳ ଷ୍ଟେସନରୁ ହୀରାଖଣ୍ଡ ଏକ୍ସପ୍ରେସରେ ତୀର୍ଥଯାତ୍ରାରେ ବାହାରିଥିଲେ।

ଭେଙ୍କେଟ ଆମ୍ମାଙ୍କ ସ୍ୱାମୀ ଜି. ସୂର୍ଯ୍ୟ ନାରାୟଣଙ୍କ ୨୨ ବର୍ଷ ତଳେ ପରଲୋକ ହୋଇଥିଲା। ଭେଙ୍କଟଙ୍କ ନିଜର ବୋଲି କେହି ନାହାନ୍ତି। ଏପରିକି ରହିବା ପାଇଁ ତାଙ୍କର ଘର ଖଣ୍ଡେ ମଧ୍ୟ ନାହିଁ। ନିଜର ବୋଲି କେହି ନଥିବାରୁ ଭେଙ୍କେଟ ଆମ୍ମା ନିଜର ବୃଦ୍ଧା ବନ୍ଧୁ ମାଙ୍ଗାମାଙ୍କ ଘରେ ସାଥି ହୋଇ ରହୁଥିଲେ । ୪ ବର୍ଷ ତଳେ ଘର ପୋଡିଗଲା । ତାହା ପରଠାରୁ ସେ ଏକାକି ହୋଇ ରହିଗଲେ । ଆଧାର କାର୍ଡ, ରାଶନକାର୍ଡ ଏବଂ ଭୋଟ ପରିଚୟ ପତ୍ର ଆଦି ପୋଡି ପାଉଁଶ ହୋଇଗଲା । ଏସମସ୍ତ କାଗଜ ପତ୍ର ପରବର୍ତ୍ତି ସମୟରେ ପୌର ପ୍ରଶାସନର ସହାୟତା କ୍ରମେ ପାଇଲେ । ଏବେ ସରକାରଙ୍କ ପକ୍ଷରୁ ୫ଶହଟଙ୍କା ଭତ୍ତା ଓ ଅନ୍ନପୂର୍ଣ୍ଣା ଯୋଜନାରୁ ୧୦ କିଲୋ ଚାଉଳ ପାଉଛନ୍ତି । ବାପା ଏନ. ଭେଙ୍କେଟ ରାଓ ଲୋକଙ୍କୁ ବିଭିନ୍ନ ତୀର୍ଥ ଯାତ୍ରା କରାଇ ଆସୁଥିଲେ । ବାପାଙ୍କ ସହ ସେ ୩୦ ବର୍ଷ ତୀର୍ଥ ଯାତ୍ରାରେ ସହଯୋଗ କରି ଆସିଥିଲେ । ଏକାକି ରହି ଆସୁଥିବା ଓ ନିଜର ବୋଲି କେହି ନଥିବା ଜାଣି ଏନ. ପ୍ରସାଦଙ୍କ ପୁଅ ଏନ. ଶଙ୍କର ନିଜ ଘରେ ଆଣି ରଖିବା ସହ ତାଙ୍କର ଦେଖା ରଖା କରୁଛନ୍ତି । ପ୍ରସାଦ ଓ ଶଙ୍କର ଦୁହେଁ ହାଟରେ ବ୍ୟବସାୟ କରନ୍ତି। ଏମାନେ ମଧ୍ୟ ମିରାଅଟୋ ନିକଟ ପ୍ରଥମ ଲାଇନରେ ଏକଭଡା ଘରେ ରହୁଛନ୍ତି।



ଉଦଘାଟନ ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ।

## ପରଜା ସମାଜର ନାରଙ୍ଗୀ ଭବନ ଉଦଘାଟିତ

ନବରଙ୍ଗପୁର,୭ା୧(ବି.ପ୍ର.) ନବରଙ୍ଗପୁର ବ୍ଲକ ଚୁଟିଆଗୁଡା ଠାରେ ଜିଲା ପରଜା ସମାଜ ବିକାଶ ପରିଷଦର ନାରଙ୍ଗୀ ଭବନ ଉଦଘାଟିତ ହୋଇ ଯାଇଛି । ନବରଙ୍ଗପୁର ପୋଲିସ ବ୍ୟାରେକ ଟିକଟରୁ ମହିଳା ଶୋଭାଯାତ୍ରା ବାହାରି ଚୁଟିଆଗୁଡା ଗାଁରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ପରଜା ବିକାଶ ସମାଜର ସଭାପତି ଧନୁର୍ଜ୍ୟୟ ଜାନୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଜିଲା ଉପସଭାପତି ଖଗପତି ଜାନୀ, ସମ୍ପାଦକ ଝାଡେଶ୍ୱର ଜାନୀ, ବ୍ଲକ ସଭାପତି ବିଜୁ ଜାନୀ, ସହଦେବ ଜାନୀ, ବୁଦୁ ଜାନୀ, ନରସିଂହ ଜାନୀ, ସଦା ଜାନୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସଭାପତିଙ୍କ ଦ୍ୱାରା ନାରଙ୍ଗୀ ଭବନର ଶୁଭ ଉଦଘାଟନ ଓ ପରଜା ସମାଜର ଭାଷା ପୁସ୍ତକ ଉନ୍ମୋଚିତ କରାଯାଇଥିଲା । ପରେ ସମାଜର ବିକାଶ ଓ ପରମ୍ପରା ସମ୍ପର୍କରେ ବକ୍ତା ମାନେ ଅଭିଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ସମେତ କୋରାପୁଟ ଓ ମାଲକାନଗିରି ଜିଲାର କର୍ମକର୍ତ୍ତା ହରିଶ ଚନ୍ଦ୍ର ମୁଦୁଲି, କମୁଲୁ ଜାନୀ, ମମତା ଝଡିଆ, ସନୁ ମାଝୀ, ଉଦୟନାଥ ଖରା, ସିଲ ମୁଦୁଲି, ଘନ ନାୟକ ଓ ଯୁଧେଷ୍ଟି ଜାନୀ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ଦେଇଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଇଘର ଶାଖାର ପ୍ରତିଷ୍ଠା ଦିବସ




ସଭାରେ ଉପସ୍ଥିତ ଅତିଥିମାନେ ।

ରାଇଘର,୭ା୧(ଡି.ଏନ.ଏ) ସ୍ଥାନୀୟ ଡିଏନକେଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା କାର୍ଯ୍ୟାଳୟର ପଞ୍ଚମ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସିଲ, ସମ୍ମାନୀୟ ଅତିଥି ଜିଲା ପରିଷଦ ସଦସ୍ୟା ପ୍ରୀତିସ୍ନିଗ୍ଧା ମହାପାତ୍ର, ମୁଖ୍ୟବକ୍ତା ଅଧ୍ୟାପକ ପରୀକ୍ଷିତ ସାହୁ, ଝରିଗାଁ ଶାଖା ସଞ୍ଚାଳିକା ଉର୍ମିଳା ଭଉଣୀ, ଡାବୁଗାଁ ସଞ୍ଚାଳିକା ରଜନୀ ଭଉଣୀ, ସମର୍ପିତ ବିଦ୍ୟା ଭାଇ, ସୂର୍ଯ୍ୟ ଭାଇ, ଈଶ୍ୱର ଭାଇ ପ୍ରମୁଖ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟିକିଲା ଭଉଣୀ ସଭାପତିତ୍ୱ କରିଥିବା ବେଳେ ସନ୍ଧ୍ୟା ଭଉଣୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମନୋରମା ମହାପାତ୍ର ଆଧ୍ୟାତ୍ମିକ ବାର୍ତ୍ତା ଦେଇଥିଲେ।

## ୨ ବାଇକ ମୁହାଁମୁହିଁ, ୩ ଆହତ

ଛତ୍ରପୁର,୭ା୧(ଡି.ଏନ.ଏ.) ଚମାଖଣ୍ଡି ଥାନା ଅଧିନ କେରାଣ୍ଡିତୋଳା ଗାଁ ନିକଟ ମୁଖ୍ୟ ରାସ୍ତାରେ ସୋମବାର ୨ ବାଇକ ମୁହାମୁହିଁ ଧକ୍କା ହେବା ଫଳରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପାଣ୍ଡିଆ ଗାଁର ବିଶ୍ୱ ମୋହନ ପାଢୀ, ଜେମାଦେଇପୁର ଶାସନଗାଁର ଦେବାଶିଷ ଭଞ୍ଜମିଶ୍ର ଏବଂ କବିସୂର୍ଯ୍ୟନଗରର ବିଭୂତି ଭୂଷଣ ଜେନା। ଆହତମାନଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ଅପରପକ୍ଷରେ ଦୁର୍ଘଟଣାସ୍ଥଳରେ ପୋଲିସ ଓ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ବହୁ ଯାନବାହନ ଅଟକି ରହିଥିଲା।

## ଖେଳପଡିଆ ଯୋଗାଇ ଦେବାକୁ ଦୃଷ୍ଟିହୀନ କ୍ରିକେଟ ଖେଳାଳି ଜିଲାପାଳଙ୍କ ଦ୍ୱାରସ୍ଥ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଦୃଷ୍ଟିହୀନ ଖେଳାଳିମାନେ।

ନବରଙ୍ଗପୁର,୭ା୧(ବି.ପ୍ର)– ନବରଙ୍ଗପୁର ଜିଲାର ଦୃଷ୍ଟିହୀନ କ୍ରିକେଟ ଖେଳାଳି ବିଭିନ୍ନ ରାଜ୍ୟ ଓ ଜାତୀୟ କ୍ରିକେଟ ପ୍ରତିଯୋଗୀତାରେ ଭାଗନେଇ ସୁନାମ ଆଣିଛନ୍ତି । ତେବେ ସେମାନଙ୍କର ନିୟମିତ ଭାବେ କ୍ରିକେଟ ଅଭ୍ୟାସ କରିବା ପାଇଁ କୌଣସି ସୁବିଧା ନାହିଁ। ଏକ ପଡିଆ ଯୋଗାଇଦେବା ଓ ରହିବା ପାଇଁ ବ୍ୟବସ୍ଥା କରିବାକୁ ଏହି ଖେଳାଳିମାନେ ଜିଲାପାଳଙ୍କୁ ଜଣାଇଛନ୍ତି । ଏହି ଦୃଷ୍ଟିହୀନ ଖେଳାଳିମାନେ ହେଲେ ତପନ କୁମାର ଗୌଡ, ଧନପତି ଗୌଡ, ବାସୁଦେବ ପ୍ରଧାନୀ, ସନ୍ୟାସୀ ଗୌଡ ଓ ଅର୍ଜୁନ ଭତରା । ସେମାନେ ମିଳିତ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ଏହି ଖେଳାଳିଙ୍କ ମଧ୍ୟରୁ ତପନ, ଧନପତି ଓ ଅର୍ଜୁନ ଓଡିଶା ଟିମରେ ସାମିଲ ହୋଇ ଗତ କିଛିଦିନ ତଳେ ହିମାଚଳ ପ୍ରଦେଶକୁ ଯାଇ ଜାତୀୟ କ୍ରିକେଟ ପ୍ରତିଯୋଗୀତାରେ ଖେଳି ସଫଳତା ହାସଲ କରିଛନ୍ତି । ଆସନ୍ତା ୨୫ ତାରିଖରେ କଟକଠାରେ କ୍ୱାର୍ଟର ଫାଇନାଲ କ୍ରିକେଟ ମ୍ୟାଚ ରହିଛି । ଏହି ମ୍ୟାଚ ଓଡିଶା ଦଳ ଓ ହରିୟାଣା ଦଳ ମଧ୍ୟରେ ଅନୁଷ୍ଠିତ ହେବ । ତେଣୁ ଏହି ମ୍ୟାଚରେ ଖେଳିବାକୁ ଯିବା ପୂର୍ବରୁ ଏହି ଖେଳାଳିମାନେ ନିୟମିତ ଭାବେ ଅଭ୍ୟାସ କରିବାକୁ ଚାହୁଁଛନ୍ତି । ତେଣୁ ଜିଲାପ୍ରଶାସନ ପକ୍ଷରୁ ଏକ ପଡିଆ ଓ ରହିବାର ବ୍ୟବସ୍ଥା କରିବାକୁ ସେମାନେ ଅନୁରୋଧ କରିଛନ୍ତି।

## ପୋଡାଗଡ ମାଘ ମଣ୍ଡେଇ ପାଇଁ ବୈଠକ



ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ ।

ଧୋଡ୍ରା, ୭ା୧(ଡି.ଏନ.ଏ.)– ନବରଙ୍ଗପୁର ଜିଲା ପୋଡାଗଡ ପର୍ଯ୍ୟଟନ କ୍ଷେତ୍ରର ପ୍ରସିଦ୍ଧ ମାଘ ମଣ୍ଡେଇ ନିମନ୍ତେ ପୋଡାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟର ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାୟୀ ସଭାପତି ଉଦ୍ଧବ ଚରଣ ନାୟକ ସଭା ପରିଚାଳନା କରିବାକୁ ଦଣ୍ଡସରା ସନାମାଝିଙ୍କୁ ଦାୟିତ୍ୱ ଦେଇଥିଲେ। ଏହି ବୈଠକରେ ସଭ୍ୟ ଚାନ୍ଦା ଆଦାୟ ଓ ମଣ୍ଡେଇ ପରିଚାଳନା ବିଷୟ ଆଲୋଚନା କରାଯାଇଥିଲା। ଆସନ୍ତା ଫେବୃୟାରୀ ୧୮ ତାରିଖରେ ମଣ୍ଡେଇ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ମାଘ ସପ୍ତମୀରେ ଭୈରବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ କରାଯିବ । ପର୍ଯ୍ୟଟକଙ୍କୁ ବୁଲାଇ ଦେଖାଇବାକୁ ୪ଜଣ ଯୁବକଙ୍କୁ ଗାର୍ଡ ଭାବରେ ନିୟୋଜିତ କରାଯିବ। ଭକ୍ତମାନେ ଘରପିଛା ଏକମାଣ ଚାଉଳ ଏବଂ ୧୦ଟଙ୍କା ଚାନ୍ଦା ଆଦାୟ କରିବାକୁ ଅନୁରୋଧ କରିଥିଲେ। ଶିରା, ପୂଜାରୀମାନଙ୍କୁ ପ୍ରଦାନ କରାଯାଇଥିବା ପରିଚୟପତ୍ରକୁ ନକଲ କରି ଅସାଧୁ ବ୍ୟକ୍ତି ନକଲି ପରିଚୟପତ୍ର ବିକୁଛନ୍ତି । ଏ ଦିଗରେ ସତର୍କ ରହିବାକୁ ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରା କହିଥିଲେ। ପ୍ରକୃତିବନ୍ଧୁ କୈଳାସ ଚନ୍ଦ୍ର ବେହେରା ଭୈରବ ମନ୍ଦିର ନିର୍ମାଣ ନିମନ୍ତେ ୫ଲକ୍ଷ ଟଙ୍କା ଦାନ ଦେଇଥିବାରୁ ସମସ୍ତ କର୍ମକର୍ତ୍ତା ଧନ୍ୟବାଦ ଦେଇଥିଲେ। ପର୍ଯ୍ୟଟନ ବିଭାଗ ତରଫରୁ ଦିଆଯାଇଥିବା ୪୪ଲକ୍ଷ ୩୦ହଜାର ଟଙ୍କା ଅନୁଦାନ ଟେଣ୍ଡର ହୋଇଛି। ଏହାକୁ ଉପରଗଡ ମା' ଖମ୍ବେଶ୍ୱରୀ ମନ୍ଦିରକୁ ପାହାଚ ଏବଂ ସୌନ୍ଦର୍ଯ୍ୟକରଣ କରିବାର ଯୋଜନା କରାଯାଇଛି । ଜଗଦିଶ ନାୟକ, ଦେବିସିଂ ମାଝି, ଉଲଧର ମାଝି, ଝିଡୁ କଲାର, କୃଷ୍ଣ ପୂଜାରୀ, ରତିରାମ ଭତ୍ରା, ତୁଳସିରାମ ଭତ୍ରା, ସାଧାରଣ ସମ୍ପାଦକ ପୁରୁଷୋତ୍ତମ ଭତ୍ରା, କୃଷ୍ଣ ମାଝି ପ୍ରମୁଖ ଯୋଗ ଦେଇଥିଲେ।

## ମଜୁରି ପ୍ରାପ୍ୟ ମାଗିବାରୁ ଶ୍ରମିକଙ୍କୁ ସଂଘବଦ୍ଧ ଆକ୍ରମଣ

ସରପଞ୍ଚ ଓ ତାଙ୍କ ଭାଇ ନିସ୍ତୁକ ମାଡ଼ ମାରିଲେ



ସଦର ମହକୁମା ଡାକ୍ତରଖାନାରେ କୁମର ଗୌଡ ଚିକିତ୍ସିତ ହେଉଛନ୍ତି।

ନବରଙ୍ଗପୁର,୭ା୧(ବି.ପ୍ର.) ମଜୁରୀ ପ୍ରାପ୍ୟ ମାଗିବାରୁ ଜଣେ ଶ୍ରମିକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ସରପଞ୍ଚ ଓ ତାଙ୍କ ଭାଇ ମିଳିତ ଭାବେ ମାଡ ମାରିଛନ୍ତି। ଶ୍ରମିକ ଜଣକ ଗୁରୁତର ଅବସ୍ଥାରେ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି କୋଡିଙ୍ଗା ଥାନା ଅଧିନ ଚଟାହାଣ୍ଡି ଗାଁରେ । ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ସରପଞ୍ଚ ଦେବନ୍ତ ପୂଜାରୀଙ୍କ ଘରେ କୁମର ଗୌଡ ଓ ତାଙ୍କ ସ୍ତ୍ରୀ ଭଗବତି କାମ କରୁଛନ୍ତି । କୁମରଙ୍କ ସାନବାପା ତୀଲ ଗୌଡ ମଧ୍ୟ ଦେବନ୍ତଙ୍କ ଘରେ କିଛି ଦିନ କାମ କରିଥିଲେ । ଏବାବଦକୁ ୧ ହଜାର ଟଙ୍କା ପାଇବାକୁ ଥିଲା । ଏସଏଚଜି ଗ୍ରୁପ ଟଙ୍କା ଜମା କରିବା ପାଇଁ ପୁତୁରା କୁମରଙ୍କୁ ଟଙ୍କା ମାଗିବାକୁ ତୀଲ ପଠାଇଲେ । କୁମର ଟଙ୍କା ମାଗିବା ପାଇଁ ସରପଞ୍ଚଙ୍କ ଘରକୁ ଯାଇ ଡାକିଥିଲେ । ସରପଞ୍ଚ ଦେବନ୍ତ ଓ ଭାଇ କୈଳାଶ ପୂଜାରୀ ଏବଂ ଗ୍ରାମସେବକ ଅନନ୍ତ ପୂଜାରୀ କୁମରଙ୍କୁ ମାଡ ମାରିଥିଲେ । ଏଥିରେ କୁମର ଗୁରୁତର ହୋଇଥିଲେ । ଏନେଇ କୋଡିଙ୍ଗା ଥାନାରେ ଅଭିଯୋଗ ପରେ ପୋଲିସ କୁମରଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଆଣି ଚିକିତ୍ସା କରାଉଛନ୍ତି। ଥାନାରେ ନଂ.୫/୧୯ରେ ମାମଲା ରୁଜୁ ହୋଇଥିବା କୋଡିଙ୍ଗା ଥାନା ଅଧିକାରୀ କହିଛନ୍ତି।

# ଇଭିଏମ, ଭିଭିପାଟ ସଚେତନତା ରଥ ଉଦ୍‌ଘାଟିତ






ଡାବୁଗାଁଠାରେ ସଚେତନତା ରଥକୁ ଉପଜିଲାପାଳ ଉଦ୍‌ଘାଟନ କରୁଛନ୍ତି । ନବରଙ୍ଗପୁରଠାରେ ସଚେତନତା ରଥକୁ ଜିଲାପାଳଙ୍କ ସହ ଅନ୍ୟମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ନବରଙ୍ଗପୁର/ଡାବୁଗାଁ/ଝରିଗାଁ, ୭ା୧(ଡି.ଏନ.ଏ./ସ୍ୱ.ପ୍ର.) ଭୋଟରଙ୍କୁ ଇଭିଏମ ଓ ଭିଭିପାଟ ସଂପର୍କରେ ସଚେତନତା କରାଇବା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ପୌରପାଳିକା କାର୍ଯ୍ୟାଳୟରେ ଏହି ସଚେତନତା ରଥକୁ ଜିଲାପାଳ.ଅଜିତ କୁମାର ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ନିୟମିତ ଭାବେ ବିଭି ୱାର୍ଡକୁ ଯାଇ ଭୋଟରଙ୍କୁ ଭୋଟଦାନ ସମ୍ପର୍କରେ ସଚେତନତା କରାଇବ । ଏହାସହିତ ଭୋଟରଙ୍କୁ ଇଭିଏମ ଓ ଭିଭିପାଟର ବ୍ୟବହାର ଡେମୋ ଦେଖାଇବେ । ଆଗାମୀ ନିର୍ବାଚନରେ ଶତପ୍ରତିଶତ ଭୋଟର ଯେପରି ନିର୍ବାଚନରେ ଭାଗ ନେଇ ମତଦାନ କରିବେ ତାର ସୁନିଶ୍ଚିତ କରାଇବା ପାଇଁ ଏହି ସଚେତନାର ମୂଳ ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଥିଲେ । ଜିଲାର ସମସ୍ତବ୍ଲକରେ ଏହି ସଚେତନତାରଥ ଆରମ୍ଭ କରାଯାଇଛି । ପ୍ରତିଦିନି ୪ଟି ଗାଁକୁଯାଇ ସଚେତନତା କରାଯିବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କର ମଧ୍ୟରେ ସହକାରୀ ଜିଲାପାଳ (ନିର୍ବାଚନ ବିଭାଗ) ନିର୍ମଳ କୁମାର ନାୟକ, ପୌରନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ଡିଆରଡିଏର କାର୍ଯ୍ୟକ୍ରମ ଅଧିକାରୀ ରାଜେଶ ପଟ୍ଟନାୟକଙ୍କ ସମେତ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଇଭିଏମ ଓ ଭିଭିପପାଟ ସଚେତନତା ରଥକୁ ଉପଜିଲାପାଳ କରୁଣାକର ରାଇକା ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ରଥ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥରେ ଇଭିଏମ ମେସିନ ଓ ଭିଭିପାଟ ଦ୍ୱାରା ଭୋଟର ମାନେ କିପରି ଭୋଟଦାନ କରିବେ ସେନେଇ ଭୋଟର ମାନଙ୍କୁ ସଚେତନ କରିବ । ଏଥିରେ ବିଡିଓ ଗୌରହରି ପାତ୍ର, ତହସିଲଦାର ନରସିଂହ ଗାଦବା, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ, ବ୍ଲକ ସମ୍ପ୍ରସାରଣ ମଙ୍ଗଳ ଅଧିକାରୀ କମଳାକାନ୍ତ ସ୍ୱାଇଁ, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ଜଳ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଦେବବ୍ରତ ପ୍ରସାଦ ଦାଶ, କନିଷ୍ଠଯନ୍ତ୍ରୀ ସୁରେଶ କୁମାର ସେଠୀ ଓ ପ୍ରତାପ ଚନ୍ଦ୍ର ଦାଶ, ସବଇନ୍ସପେକ୍ଟର ରଙ୍କନିଧି ସାହୁ, ସୁପରଭାଇଜର ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ଅତିରିକ୍ତ ଜିଲପାଳ ପରୀକ୍ଷିତ ସେଠୀ ସଚେତନତା ରଥ ଉଦଘାଟନ କରିଥିଲେ ।

ସେହିପରି ଝରିଗାଁ ପଞ୍ଚାୟତ ସମିତି ଠାରେ ଇଭିଏମ ଓ ଭିଭିପାଟ୍ ସଚେତନତା ଅଭିଯାନ ନେଇ ୪ଟି ପ୍ରଦର୍ଶନ ରଥର ଶୁଭାରମ୍ଭ ହୋଇଅଛି। ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ, ତହସିଲଦାର କ୍ଷମାନିଧି ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରିଣ୍ଟେଣ୍ଡେଟ ଡାକ୍ତର ଅମିତା ଟିଗା, ସିଡିପିଓ ଆର ବାସନ୍ତି ପଣ୍ଡା ପ୍ରମୁଖ ରହି ସବୁଜ ପତକା ଦେଖାଇଥିଲେ। ଝରିଗାଁ ବ୍ଲକର ୧୧୭ଟି ବୁଥ୍ ଏବଂ ୧୧ ଟି ରାଜସ୍ୱ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଚାଲୁରହିବ ବୋଲି ବିଡିଓ କହିଛନ୍ତି। ପ୍ରଥମ ଦିନରେ ମାଣ୍ଡିଆଗୁଡା, ତୁରୁଂଜି, ମାଝିଆ, ଭିମାଗୁଡା, ଏକମ୍ବା– କ, ଚାରଗାଁ, ସିଉନାଗୁଡା, ଅର୍ଚ୍ଚିତଗୁଡା, ଦୁକାଲୁପଡା, ଭାଲୁକୁନାଡି, ପଲସଗାଁ, ଗୋମିଓଡା, ଭିତରକରମରୀ, ଡାହିମାଲ, ବାହରକରମରୀ ଏବଂ ଲହଣ୍ଡାସିଲ ଗ୍ରାମରେ ଇଭିଏମ ଓ ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଏହି ଅବସରରେ ଜିପିଇଓ ପ୍ରଦିପ କୁମାର ପଟ୍ଟନାୟକ, ଡବ୍ଲୁଇଓ ପ୍ରଫୁଲ୍ଲ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବଡ଼ ମେଡିକାଲରେ ଜିଲା ପ୍ରଶାସନର ଚଢ଼ାଉ

ବ୍ରହ୍ମପୁର ଅଫିସ୍,୭ା୧– ବ୍ରହ୍ମପୁର ବଡ଼ ମେଡିକାଲ ପରିସରରେ ଥିବା ଔଷଧ ଦୋକାନ ଏବଂ ନିରାମୟ ଔଷଧ ବିତରଣ କେନ୍ଦ୍ରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏଡିଏମଓ ପି.କୁର୍ମୈୟା ଓ ଭେଷଜ ନିରୀକ୍ଷକ ପ୍ରିୟରଞ୍ଜନ ନାୟକଙ୍କ ସମେତ ୫ ଜଣିଆ ଟିମ୍ ଏହି ଚଢାଉରେ ସାମିଲ ଥିଲେ। ସର୍ବସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ, ଚିକିତ୍ସା ସେବା ଲୋକଙ୍କୁ କିଭଳି ମିଳୁଛି ଏସବୁର ଯାଞ୍ଚ କରାଯାଇଥିଲା । ମେଡିକାଲ କେନ୍ଦ୍ରୀୟ ଔଷଧ ଭଣ୍ଡାରରୁ ଔଷଧ ବିତରଣ କେନ୍ଦ୍ରକୁ ଠିକ୍ ଭାବେ ଔଷଧ ଯୋଗାଇ ଦିଆଯାଉଛି କି ନାହିଁ ତାହାର ଟିକିନିଖି ତନଖି କରାଯାଇଥିଲା । ବିଜୁ କୃଷକ କଲ୍ୟାଣ ସ୍ୱାସ୍ଥ୍ୟ ବୀମା ଯୋଜନାରେ କିଭଳି ସେବା ଯୋଗାଇ ଦିଆଯାଉଛି ତାହା ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ବ୍ରହ୍ମପୁର ତହସିଲଦାର ଦୟାମୟ ପାଢୀଙ୍କ ନେତୃତ୍ୱରେ ଯାଞ୍ଚ ହୋଇଥିଲା।



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରି ଦେବାରେ ଲାଗିଥାଏ, ସେତିକି ବେଳେ ସେ ଅଧିକ ଭୋଗ କରିବାକୁ ଇଚ୍ଛା କରେ।
- ଅଲିଭର ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଯବାନଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଲୁଟ୍

ମୁନିଗୁଡ଼ା,୭।୧(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ା ବସଷ୍ଟାଣ୍ଡ ନିକଟରୁ ଦୁଇ ଜଣ ଦୁର୍ବୃତ୍ତ ଜଣେ ସିଆରପିଏଫ ଯବାନଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି । ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ୮ମ ବାଟାଲିୟନର ଯବାନ ରତନ କୁମାର ମଜୁମଦାର ସୋମବାର କ୍ୟାମ୍ପର ଟଙ୍କା ଉଠାଇ ବସଷ୍ଟାଣ୍ଡକୁ ଆସୁଥିଲେ । ଏହି ସମୟରେ ହଠାତ୍ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାକୁ ଜଣାଇଥିଲେ । ମୁନିଗୁଡ଼ା ଏସଡ଼ିପିଓ ଚନ୍ଦ୍ରଶେଖର ହୋତାଙ୍କ ନେତୃତ୍ୱରେ ଥାନା ଆଇଆଇସି ରାମେଶ୍ୱର ପ୍ରଧାନ, ଏସଆଇ ତରୁଣ କୁମାର ମାହାଲି, ରିମାନ କିଣ୍ଡୋଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରି ତଦନ୍ତ ଜାରି ରଖିଛନ୍ତି । ବିଷମକଟକ ଓ ଆମ୍ବାଦୋଳା ଥାନାକୁ ସୂଚନା ଦେଇ କଡ଼ାକଡ଼ି ଭାବେ ନଜର ରଖାଯାଇଛି । ଏନେଇ ମୁନିଗୁଡ଼ା ଥାନାରେ ଏକ ମାମଲା (କେସ ନଂ ୩/୧୯) ରୁଜୁ ହୋଇଛି ।

### ୧୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ରାୟଗଡା ଅଫିସ୍, ୭।୧: ରାୟଗଡା ଷ୍ଟେଶନ୍‌ରୁ ସୋମବାର ଗଞ୍ଜେଇ ଜବତ ହୋଇଛି । ଷ୍ଟେଶନ୍ ଭିତରେ ରେଳବାଇ ସୁରକ୍ଷା ବଳ ଏବଂ ସରକାରୀ ରେଳବାଇ ପୋଲିସ ପଇଁତରା ମାରୁଥିବା ବେଳେ ୧୯ କେଜି ୩୦୦ଗ୍ରାମ ଗଞ୍ଜେଇ ସହ ଚାଲାଣକାରୀ ପ୍ରଶାନ୍ତ ରାଉତଙ୍କୁ ଗିରଫ କରିବାରେ ସମର୍ଥ ହୋଇଛନ୍ତି । ଜିଆର୍‌ପି ଡେପୁଟି ଅଧିକ୍ଷକଙ୍କଠାରୁ ମିଳିଥିବା ସୂଚନା ଅନୁଯାଇ ପ୍ରତିଦିନ ଭଳି ସୋମବାର ସକାଳୁ ସକାଳେ ଜିଆର୍‌ପି ଏସ୍‌ଆଇ ଉମେଶ ଚନ୍ଦ୍ର ନାୟକ ଏବଂ ରେଳବାଇ ସୁରକ୍ଷା ବଳ ମିଳିତ ଭାବେ ଷ୍ଟେଶନ୍ ଭିତରେ ସୁରକ୍ଷା ଦୃଷ୍ଟିରୁ ସର୍ଚ୍ଚ କାର୍ଯ୍ୟ ଚଳାଇଥିଲେ । ଦ୍ୱିତୀୟ ଶ୍ରେଣୀ ପ୍ରତୀକ୍ଷାଳୟରେ ପଇଁତରା ମାରୁଥିବା ବେଳେ ହଠାତ୍ ଗୋଟିଏ ସ୍ଥାନରେ ଥିବା ଦୁଇଟି ବ୍ୟାଗ ଉପରେ ନଜର ପଡିଥିଲା । ତାହାକୁ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ । ନିକଟରେ ବସିଥିବା ବ୍ୟକ୍ତି ପ୍ରଶାନ୍ତ ରାଉତଙ୍କୁ ପଚରା ଉଚୁରା କରିବା ବେଳେ ବ୍ୟାଗରେ ଗଞ୍ଜେଇ ଥିବା ସ୍ୱୀକାର କରିଥିଲେ । ଗଞ୍ଜାମ ଜିଲା କୋଦଳାର ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

### ମହିଳାଙ୍କ ଆତ୍ମହତ୍ୟା

ରାୟଗଡା ଅଫିସ୍, ୭।୧: ରାୟଗଡା ସହରର ନ୍ୟୁକଲୋନୀ ଦ୍ୱିତୀୟ ଲେନ୍‌ରେ ରହୁଥିବା ଜଣେ ମହିଳା ସୋମବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି । ମହିଳା ଜଣକ ହେଲେ ଟି.ପ୍ରମିଳା(୫୫) । ପାରିବାରିକ କଳହକୁ କେନ୍ଦ୍ରକରି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ପ୍ରମିଳା ନିଜ ଶରୀରରେ କିରୋସିନ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ । ନିଆଁ ଲଗାଇବା ଦ୍ୱାରା ଶରୀରର ୯୦ପ୍ରତିଶତ ପୋଡିଯାଇଥିଲା । ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ପଡୋଶୀ ଦମକଳ ବାହିନୀକୁ ସୂଚନା ଦେଇଥିଲେ । ଦମକଳବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

### ରାସ୍ତା ନିର୍ମାଣ ନେଇ ଦାବିପତ୍ର



ଗୁଣପୁର,୭।୧(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁର ବ୍ଲକର ଟିଟିମିରିଠାରୁ ଭାୟା ଭୀମପୁରଗୁଡା ,ପାତ୍ରପୁର ଏବଂ ଭୀମପୁର ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସଂଯୋଗ କରାଯିବାକୁ ଦାବି ହୋଇଛି । ଏନେଇ ସୋମବାର ଭୀମପୁରଗୁଡା ଏବଂ ପାତ୍ରପୁର ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଧରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉପୋରକ୍ତ ଗ୍ରାମକୁ ତୁରନ୍ତ ପିଏମଜିଏସୱାଇ ରାସ୍ତା ନିର୍ମାଣ କରାଯାଉ । ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କ ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଧାରଣାରେ ବସିବେ ବୋଲି ଗ୍ରାମବାସୀ ଚେତବାନୀ ଦେଇଛନ୍ତି ।

# ଘୁଞ୍ଚୁନାହାନ୍ତି ହାତୀପଲ

**ବନ ବିଭାଗ ଫେଲ୍, ଚିନ୍ତାରେ ୪ ଗ୍ରାମବାସୀ**

ରାୟଗଡା ଅଫିସ୍, ୭।୧



ମେଟୁକେରେଡା ସଂରକ୍ଷିତ ଜଙ୍ଗଲରେ ରହିଥିବା ହାତୀପଲ ।

ଆନ୍ଧ୍ରପ୍ରଦେଶ ରାଜ୍ୟ ବୀରମୋଟାମ ସଂରକ୍ଷିତ ଜଙ୍ଗଲରୁ ଗତ ଶନିବାର ସନ୍ଧ୍ୟାରେ ଓଡ଼ିଶା ଭିତରକୁ ଚାଲି ଆସିଥିବା ହାତୀପଲ ରାୟଗଡା ଜିଲା ଛାଡୁନାହାଁନ୍ତି । ଏଭଳିକି ନାଗାବଳୀ ନଦୀର ଅପରପାର୍ଶ୍ୱରେ ଥିବା ମେଟୁକେରେଡା ସଂରକ୍ଷିତ ଜଙ୍ଗଲର ଏକ ବୁଦାରୁ ଘୁଞ୍ଚୁନାହାଁନ୍ତି । କେବଳ ପାଣି ପିଇବା ପାଇଁ ନାଗାବଳୀ ନଦୀକୁ ଆସି ପୁଣି ସେହି ବୁଦାକୁ ଚାଲିଯାଉଛନ୍ତି । ଆଉ ହାତୀ ଘଉଡାଇବାରେ ବନ ବିଭାଗ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ମୁଖ୍ୟତଃ ଅନ୍ଧାର ସମୟରେ ହାତୀ ଘଉଡାଇବା ନିମନ୍ତେ ଉତ୍କୃଷ୍ଟ ବୋଲାଯାଉଥିବା ବେଳେ ବନ ବିଭାଗ କର୍ମଚାରୀମାନେ ସେହି ସ୍ଥାନକୁ ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗ କର୍ମଚାରୀମାନେ ଦୁଇଟି ଟିମ୍‌ରେ ବିଭକ୍ତ ହୋଇ ବୋରୁହାଲୁଆ ଓ ଅଣିଜା ଗ୍ରାମରେ ହିଁ ରହିଛନ୍ତି । ସନ୍ଧ୍ୟା ହେଲେ ବନ କର୍ମଚାରୀମାନେ ଗାଁ ଠାରୁ ବାହାରୁ ପାଦ କାଢୁ ନ ଥିବା ଯୋଗୁ ଲୋକେ ହିନସ୍ଥା ହେଉଛନ୍ତି । ମୁଖ୍ୟତଃ ଅଣିଜା, ବୋରୁହାଲୁଆ, ଏମ୍ପଲୱାଲସା ଓ ମେଟୁକେରେଡା ଗ୍ରାମବାସୀ ଗତ ୨ଦିନ ହେବ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ହାତୀପଲ ଭୟରେ ଗ୍ରାମର କୌଣସି ବ୍ୟକ୍ତି ବାହାରକୁ ଯାଉନାହାନ୍ତି । ଉକ୍ତ ଗ୍ରାମର ଲୋକେ ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ଗାଁ ବାହାରକୁ କାମ ପାଇଁ ଯାଉ ନ ଥିବା ହେତୁ ଏକ ପ୍ରକାର ଚୁଲି ଜଳିବା ମଧ ବନ୍ଦ ପଡିଛି । ଅପରପକ୍ଷରେ ଭାଗଚାଷୀ ଓ ନାମମାତ୍ର ଚାଷୀଙ୍କ ବ୍ୟାପକ ଫସଲ ହାତୀପଲ ନଷ୍ଟ କରିଛନ୍ତି । ଧାନ, କାନ୍ଦୁଲ, ମାଣ୍ଡିଆ ଓ ଆଖୁଚାଷ ନଷ୍ଟ କରିଥିବା ଜଣାପଡିଛି । ଏଭଳିକି ଖଳାରେ ପଡିଥିବା ଧାନକୁ ହାତୀପଲ ଖାଇବା ସହ ନଷ୍ଟ କରିଛନ୍ତି । ଚାଷୀ ନାସିକା ସନ୍ୟାସୀଙ୍କ ୩୦ବସ୍ତା, କଣ୍ଡାଗରୀ ସମୁଲୁଙ୍କ ୨୦ବସ୍ତା, ନାସିକା ସୁଭମଙ୍କ ୧୫ବସ୍ତା, କଣ୍ଡାଗରୀ ବାସାଙ୍କ ୨୮, କଣ୍ଡାଗରୀ କୃଷ୍ଣଙ୍କ ୧୬ ଓ ହିମିରିକା ନାସଙ୍କ ୧୧ବସ୍ତା ଧାନ ହାତୀପଲ ନଷ୍ଟ କରିଥିବା ଜଣାଯାଇଛି । ଅପରପକ୍ଷରେ ସୁରକ୍ଷା ଦୃଷ୍ଟିକୋଣରୁ କେରେଡା ପଞ୍ଚାୟତର ୭ଟି ଗ୍ରାମରେ ବିଦ୍ୟୁତ୍ ସଂଯୋଗ ମଧ ବନ୍ଦ ରଖାଯାଇଛି । ଗତ ରବିବାର ଭଳି ସୋମବାର ମଧାହ୍ନରେ ମାତ୍ର ୩ଘଣ୍ଟା ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା । ଫଳରେ ଗତ ଶନିବାର ସନ୍ଧ୍ୟାରୁ ଅନ୍ଧାରରେ ଗ୍ରାମବାସୀ ରହିଛନ୍ତି । ଏଣେ ଅଣିଜା ଆଶ୍ରମ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସିବା ବନ୍ଦ କରି ଦେଇଛନ୍ତି ।

ପ୍ରକାଶଥାଉକି, ଗତ ଶନିବାର ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶ ରାଜ୍ୟ ବୀରମୋଟାମ ସଂରକ୍ଷିତ ଜଙ୍ଗଲରୁ ଏହି ହାତୀପଲ ଜନବସତି ମୁହାଁ ହୋଇଥିଲେ । ଏହାପରେ ସେଠାକାର ବନ ବିଭାଗ ହାତୀପଲକୁ ଘଉଡାଇବାରୁ ଓଡ଼ିଶା ଭିତରକୁ ପ୍ରବେଶ କରିଥିଲେ । ଆନ୍ଧ୍ରପ୍ରଦେଶର ଶିକାବରମ, ଜେରେଣା ଓ ଗାଜୁଲୱାଡା ଗ୍ରାମଦେଇ ରାୟଗଡା ଜିଲା ଭିତରକୁ ଚାଲି ଆସିଥିଲେ । ଓଡ଼ିଶା ଭିତରକୁ ଆସି ନାଗାବଳୀ ନଦୀର ଅପରପାର୍ଶ୍ୱରେ ରହି ଆତଙ୍କ ମଚାଇଛନ୍ତି ହାତୀପଲ । ହାତୀପଲରେ ଦୁଇ ଦନ୍ତା, ଦୁଇ ଶିଶୁ ଓ ୩ ମାଈ ହାତୀ ରହିଥିବା ଜଣାପଡିଛି । ଏନେଇ ରାୟଗଡା ରେଞ୍ଜର ପ୍ରଭାକର ସେନାପତିଙ୍କୁ ପଚାରିବାରୁ, ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ର ଜରିଆରେ ହାତୀ ଘଉଡାଇବା ନିମନ୍ତେ ଉଦ୍ୟମ ଜାରି ରହିଛି । ଏଥିସହ ବାରମ୍ବାର ବାଣ ଫୁଟାଇ ହାତୀଙ୍କୁ ଜନବସତିଠାରୁ ଦୂରକୁ ନେବା ନିମନ୍ତେ ପ୍ରୟାସ କରାଯାଉଥିବା କହିଛନ୍ତି । ଥିବା ସେ କହିଛନ୍ତି ।

# ଘାଟିରୁ ଖସିଲା ଟାଟା ମ୍ୟାଜିକ୍, ୧୧ ଆହତ

ଆମ୍ବାଦୋଳା,୭।୧(ଡ଼ି.ଏନ.ଏ)

ଆମ୍ବାଦୋଳା ଥାନା ଅନ୍ତର୍ଗତ ରଘୁବାରି ଘାଟିରୁ ଏକ ଟାଟା ମ୍ୟାଜିକ୍ ଖସି ପଡ଼ିବାରୁ ୧୧ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଆହତମାନେ ହେଲେ ବିଶ୍ୱମ୍ଭର ପ୍ରଧାନୀ, ସୁନେ ମାଝି, ଦଣ୍ଡୁ ମାଝି, ଆସ୍ତିକ ମାଝି, ସାଞ୍ଜୁଲି ମାଝି, ରାଇକ ମାଝି,ରୁଆ ମାଝି, ସାନ୍ତରା ମାଝି, ସୁଲାନ ମାଝି । ଆହତମାନଙ୍କୁ ପ୍ରଥମେ ଆମ୍ବାଦୋଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଗୁରୁତର ଥିବା ନାନିକୁଟି ଗ୍ରାମର ବାବୁଲା ମାଝି ଓ ଧନୁର୍ଜୟ ନାଗଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟମାନଙ୍କୁ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ।

ପୂର୍ବାହ୍ନ ୧୧ଟାରେ ରଘୁବାରି ପଞ୍ଚାୟତର ଖଲିଆଗୁଡ଼ା ଗ୍ରାମରୁ କେତେ ଜଣ ଲୋକ ଆମ୍ବାଦୋଳା ସାପ୍ତାହିକ ହାଟକୁ ଆସୁଥିଲେ । ଗାଡ଼ିଟି ରଘୁବାରି ଘାଟିରୁ ଓହ୍ଲାଉଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲା । ଫଳରେ ୧୧ ଜଣ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।



ଓଲଟି ପଡ଼ିଥିବା ଟାଟା ମ୍ୟାଜିକ୍ ।

# ବ୍ଲକସ୍ତରୀୟ ଯୁବ ସାଂସଦ କାର୍ଯ୍ୟକ୍ରମ

ମୁନିଗୁଡ଼ା, ୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଶିବପଦରଠାରେ ଗତ ରବିବାର ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ବିଭାଗ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ସଂଗଠନ ତରଫରୁ ସ୍ଥାନୀୟ ବିନାୟକ ଯୁବ ପରିଷଦ ସହଭାଗୀତାରେ ବ୍ଲକସ୍ତରୀୟ ଯୁବ ସାଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନମାଳି ଶିକ୍ଷା ନିକେତନ ପ୍ରଧାନଶିକ୍ଷକ ରାଜକିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନେହେରୁ ଯୁବକେନ୍ଦ୍ର ସଂଗଠନ ଜିଲା ସଂଯୋଜକ ଶିବ କୁମାର, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଉଦୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୌଶଳ ବିକାଶ, ମତଦାନ, ଜାଗରଣ, ସ୍ୱଚ୍ଛତା, ସ୍ୱାସ୍ଥ୍ୟରକ୍ଷା, ଶିକ୍ଷା ବିକାଶ ସମ୍ପର୍କରେ ସମବେତ ଶତାଧିକ ଯୁବଗୋଷ୍ଠୀ, ଜନସାଧାରଣ ଏବଂ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ବଡ଼ ଦହିଖାଲ ମା' ଠାକୁରାଣୀ ଯୁବକ ସଂଘ, ଡୁରକିଲିମା ମାକ୍ଷ କଲରାଶୁଣୀ ଯୁବକ ସଂଘ, ହାଟଦହିଖାଲ ସର୍ବେଶ୍ୱର ଯୁବକ ସଂଘ ଏବଂ ହାତୀପଦର ଯୁବକ ସଂଘର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଚୈତନ୍ୟ ହାତୀ, ବିନୋଦ କୁମାର ତୁଳ, ରଞ୍ଜନ କୁମାର ସାହୁକାର, ସନ୍ତୋଷ ବେହେରା, ଯୋଶେଫ ରାହୁଲ, ଶରତ କୁମାର ସାହୁକାର, ସଙ୍ଗୀତ ସାହୁକାର, ପଙ୍କଜ କାଦାମ୍ବାଲା, ଅରୁଣ ମାଝି, ମୂରଲୀ ମହାରଣା, ଭାଗିରଥୀ ହାତୀ, ଶରତ ସିପ୍‌କା, ବୁଲୁ ପଣ୍ଡୁ, ମହେଶ କାଦାମ୍ବାଲା, ଅଭିମନ୍ୟୁ ପଣ୍ଡୁ, ରମେଶ ଚନ୍ଦ୍ର ମହାରଣା ପ୍ରମୁଖ ସହାୟତା କରିଥିଲେ ।

### ବିଭିନ୍ନ ସମସ୍ୟା ନେଇ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ

ଗୁଣପୁର,୭।୧(ଡି.ଏନ.ଏ):

ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ୩୧ ତାରିଖରୁ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ଗୁଣପୁର ବ୍ଲକର ବିଭିନ୍ନ ସମସ୍ୟା ନେଇ ଏହି ଆନ୍ଦୋଳନ ଚାଲୁ ରହିଥିଲା । ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଧର ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ଏବଂ ସେମାନଙ୍କ ସମର୍ଥକଙ୍କ ସହ ଆଲୋଚନା କରିଥିଲେ । ଦାବିଗୁଡିକ ପୂରଣ ନେଇ ପ୍ରତିଶ୍ରୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଆଲୋଚନା ସମୟରେ ବିଡିଓ ଗାୟତ୍ରୀ ଦେବୀ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଯାନି ପ୍ରମୁଖ ଉପସ୍ଥିତ ଥିଲେ ।

# ଏଏନ୍‌ପିପିଏଫ୍‌କୁ ମାଓବାଦୀଙ୍କ ବିରୋଧ

ରାୟଗଡା ଅଫିସ୍, ୭।୧

ଆଣ୍ଟି ନକ୍ସଲ ପିପୁଲସ ଫୋର୍ସ (ଏଏନ୍‌ପିପିଏଫ୍)କୁ ମାଓବାଦୀଙ୍କ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବା ସହ ପ୍ରଚାର ପତ୍ର ବଣ୍ଟନ କରି ଏଏନ୍‌ପିପିଏଫ୍‌କୁ ବିରୋଧ କରାଯାଇଛି । ଲୋକଙ୍କ ପାଇଁ ବିପ୍ଳବ କରୁଥିବା ମାଓବାଦୀ ସଙ୍ଗଠନ ବିରୋଧରେ ଯେଉଁ ଜନଯୁଦ୍ଧ ଘୋଷଣା ହୋଇଛି ତାହାକୁ ଗଣତାନ୍ତ୍ରିକ ଉପାୟରେ ତୀବ୍ର ବିରୋଧ କରିବା ପାଇଁ ଆହ୍ୱାନ ଜଣାଯାଇଛି । ସିପିଆଇ(ମାଓବାଦୀ) ସଙ୍ଗଠନର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏହା ଜାରି କରାଯାଇଛି । ଏଥିସହ ପୋଲିସ ଇନ୍‌ଫର୍ମର, ଚୌକିଦାର, ହୋମଗାର୍ଡ, ଏସ୍‌ପିଓମାନେ ଚାକିରି ଛାଡିବାକୁ ମଧ ଏକ ପ୍ରକାର ଚେତାବନୀ ଦିଆଯାଇଛି । ପୋଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ କଥାରେ ପଡି ନିଜ ଜାତି ଓ ସମ୍ପ୍ରଦାୟ ବିରୋଧରେ ଛିଡା ହୁଅନ୍ତୁ ନାହିଁ । ବରଂ ଶୋଷକ ଓ ଶାସକ ଶ୍ରେଣୀକୁ ବିତାଡିତ କରିବା ପାଇଁ ଆଗକୁ ଆସନ୍ତୁ ବୋଲି ପ୍ରଚାର ପତ୍ରରେ ଉଲ୍ଲେଖ ରହିଛି । ଆଦିବାସୀଙ୍କୁ ଢ଼ାଲ କରି ଏହି ଏଏନ୍‌ପିପିଏଫ୍ ଗଠନ କରାଯାଇଥିବା ପ୍ରଚାର ପତ୍ରରେ ଲିଖିତ ଅଛି । ପୋଲିସରେ ନୁହେଁ ବରଂ ପିଏଲ୍‌ଜିଏରେ ଯୋଗଦାନ କରନ୍ତୁ ବୋଲି ଆହ୍ୱାନ କରାଯାଇଛି । ଏହି ପ୍ରଚାର ପତ୍ର ଜିଲାର ବିଭିନ୍ନ ସ୍ଥାନରେ ବଣ୍ଟାଯାଇଛି । ଏଥିସହ ରାୟଗଡାର ଖବରଦାତାମାନଙ୍କୁ ପ୍ରେସ୍ ବିଜ୍ଞପ୍ତି ପ୍ରଦାନ ହୋଇଛି । ତେବେ ଏ ସମ୍ପର୍କରେ ପୋଲିସର ମତାମତ ମିଳିପାରିନାହିଁ ।

# ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ମୁନିଗୁଡ଼ା,୭।୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲାର ମୁନିଗୁଡ଼ାଠାରେ ଥିବା ସିଆରପିଏଫ ୮ମ ବାଟାଲିୟନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସୋମବାର ଯୁବକମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରାଇବା ଓ ସେମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଦ୍ୱିମାସିକ ମୋଟର ମେକାନିକ୍ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ସମ୍ବଲପୁର ସିଆରପିଏଫ ଡ଼ିଆଇଜିପି ଶଙ୍କରଦତ୍ତ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବାଟାଲିୟନ ତରଫରୁ ଏହି ବ୍ଲକର ୪୩ ଜଣଙ୍କୁ ଏଥିପାଇଁ ମନୋନୀତ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମରେ ଅନୁରୂପ ଭାବେ ଯୁବଗୋଷ୍ଠୀଙ୍କୁ ତାଲିମ ଦିଆଯିବ ବୋଲି ସେ ପରାମର୍ଶ ଦେଇଥିଲେ । କମାଣ୍ଡାଣ୍ଟ ଏନ.କେ ସିଂହ, ସହ କମାଣ୍ଡାଣ୍ଟ ବୃଷଭ ମେହେର, କଦମ ସିଂହ, ସେକେଣ୍ଡ କମାଣ୍ଡାଣ୍ଟ ରାମ ଅବତାର ଭୋଳାନାଥ ପ୍ରମୁଖ ଉପସ୍ଥିତ ରହି ତାଲିମାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଜବାବ ମାଗେ ଓଡ଼ିଶା ନେଇ ପ୍ରସ୍ତୁତି ବୈଠକ

ପଦ୍ମପୁର/ଗୁଣପୁର,୭।୧(ଡି.ଏନ.ଏ)

ରାୟଗଡା ଜିଲା ପଦ୍ମପୁର ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଯବାବ ମାଗେ ଓଡିଶା ରଥ ପରିକ୍ରମା ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଭାଜପା ଜିଲା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ୯ ତାରିଖରୁ ଏହି ରଥ ରାମନାଗୁଡାରୁ ଶୁଭାରମ୍ଭ ହେବ । ଏହି ରଥ ଏକ ମାସ ବ୍ୟାପୀ ଗୁଣପୁର ନିର୍ବାଚନ ମଣ୍ଡଳିର ବିଭିନ୍ନ ଅଞ୍ଚଳ ବୁଲି ବିଜେଡି ଶାସନର ଅପାରଗତା ଏବଂ ଭାଜପା ସରକାରଙ୍କ ସଫଳତା ଉପରେ ପ୍ରଚାର କରିବ । ବୈଠକରେ ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଟ୍ଟିକା, ରବି ଶଙ୍କର ଗମାଙ୍ଗ, ଚିନା କଣ୍ଡାଗିରି, ଈଶ୍ୱର ପାଣିଗ୍ରାହୀ, ବନମାଳି ଶବର, ଧନଞ୍ଜୟ ମଣ୍ଡଳ, ଉଦୟ ପାଢୀ, ସଞ୍ଜୟ ପ୍ରଧାନ, ରଞ୍ଜନ ରଥ, ଗଜପତି ଶବର ପ୍ରମୁଖ ଉପସ୍ଥିତ ଥିଲେ । ଗୁଣପୁର, ରାମନାଗୁଡା, ପଦ୍ମପୁର ଏବଂ ଗୁଡାରି ଅଞ୍ଚଳର କର୍ମକର୍ତ୍ତାମାନେ ବୈଠକରେ ଯୋଗ ଦେଇଥିଲେ ।



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଭାଜପା କର୍ମୀମାନେ ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଜେକେପୁର, ୭।୧(ଡି.ଏନ୍.ଏ)

ଶ୍ରୀ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମବର୍ଷ ଛାତ୍ରୀମାନଙ୍କୁ ନେଇ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ୧୨ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୦୫ ଛାତ୍ରୀ ତାଲିମ ନେଇଥିଲେ । ସମସ୍ତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଅଧ୍ୟକ୍ଷ ପ୍ରଭାକର ଦାସ ଯୋଗ ଦେଇ ନିଜ ଜୀବନରେ ଏହାକୁ ବ୍ୟବହାର କରି ନିଜର ଆତ୍ମ ସମ୍ମାନ ବୃଦ୍ଧି କରିବାକୁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳକ ତଥା ଜିଲା ସଂଯୋଜକ ଅଧ୍ୟାପକ ଆନନ୍ଦ ଚନ୍ଦ୍ର ପଣ୍ଡା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ସଶକ୍ତୀକରଣରେ ସାହାଯ୍ୟ କରିବ ବୋଲି ମତ ଦେଇଥିଲେ । ଅଧ୍ୟାପକ ମୀନକେତନ ନାୟକ ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପିକା ମଧୁସ୍ମିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ବୁଲିଲା ଇଭିଏମ୍, ଭିଭିପାଟ୍ ସଚେତନତା ରଥ

ରାୟଗଡା ଅଫିସ୍/ ଗୁଣପୁର/ମୁନିଗୁଡ଼ା/ ପଦ୍ମପୁର/କାଶୀପୁର, ୭।୧



ରାୟଗଡ଼ାରେ ସଚେତନତା ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ଦ୍ୱାରା ଇଭିଏମ୍ ଓ ଭିଭିପାଟ ସଚେତନତା ରଥର ଶୁଭାରମ୍ଭ ହୋଇଛି । ରାୟଗଡା ପୌରାଞ୍ଚଳ ନିମନ୍ତେ ଗୋଟିଏ ଏବଂ ରାୟଗଡା ବ୍ଲକ୍ ଅଞ୍ଚଳ ନିମନ୍ତେ ୩ଟି ରଥର ଶୁଭାରମ୍ଭ କରାଯାଇଛି । ଏହି ରଥ ଇଭିଏମ୍ ଓ ଭିଭିପାଟ ସମ୍ପର୍କିତ ପୋଷ୍ଟରରେ ସୁସଜ୍ଜିତ କରାଯାଇଛି । ଯେପରି ଭୋଟର ଆକୃଷ୍ଟ ହୋଇ ରଥ ନିକଟକୁ ଆସିବେ ଏବଂ ଚିତ୍ର ଓ ଶିରୋନାମାଗୁଡିକୁ ପଢ଼ି ଭିଭିପାଟ ବିଷୟରେ ଜାଣିବେ । ପ୍ରତି ରାଜସ୍ୱ ଗ୍ରାମ ଓ ୱାର୍ଡରେ ଭିଭିପାଟର ସଠିକତା, ସତ୍ୟତା, ବିଷୟରେ ସଚେତନ ନିମନ୍ତେ ୨୧ଟି ଦଳ ପ୍ରାୟ ୩୫ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ପ୍ରତିଦିନ ଉକ୍ତ ଦଳ ୪ଟି ରାଜସ୍ୱ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରାଇବା ସହ ମକ୍‌ପୁଲ ମାଧ୍ୟମରେ ଭୋଟଦାନ ଶୈଳୀ ଓ ଭିଭିପାଟ୍‌ର ବ୍ୟବହାର ବିଷୟରେ ଅବଗତ କରାଇବେ । ସୋମବାର ରାୟଗଡା ବ୍ଲକ୍‌ର କଡାପାଡି, ଜପାଖାଲ, ଗୌଡବଡାଗୁଡା, କୋଡାପାଡୁ, ବଡଆଲୁବାଡି, ସିକରପାଡୁ, ଦେରେକାପାଡୁ, ଏରମୁଣ୍ଡା, ତାମ୍ପରଗୁଡା, ପେଣ୍ଟା, ଜିଞ୍ଜିଲିବାଡି, ବୁଡୁଣୀ ଓ ପୌରାଞ୍ଚଳର ଡୁମ୍ବିଗୁଡା ଆଦି ସ୍ଥାନରେ ଭିଭିପାଟ ପ୍ରଦର୍ଶନ କରାଯାଇଥିବା ବିଡିଓ ରାଜେନ୍ଦ୍ର ମାଝି ପ୍ରକାଶ କରିଛନ୍ତି । ସଚେତନତା ରଥ ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲାପାଳ ସୁଧାକର ଶବର, ଉପଜିଲାପାଳ ପ୍ରବୀର କୁମାର ନାୟକ, ସହକାରୀ ଜିଲାପାଳ ନାରାୟଣ ମିଶ୍ର, ଏବିଡିଓ ନୃସିଂହଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗୁଣପୁରଠାରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଧରଙ୍କ ଦ୍ୱାରା ଇଭିଏମ ଏବଂ ଭିଭିପାଟ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଦୁଇଟି ରଥ ଉଦ୍‌ଘାଟିତ ହୋଇଥିଲା। ଗୋଟିଏ ରଥ ଗୁଣପୁର ନିର୍ବାଚନମଣ୍ଡଳୀ ଏବଂ ଆଉ ଗୋଟିଏ ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ । ବିଡିଓ ଗାୟତ୍ରୀ ଦେବୀ, ଆସିଷ୍ଟାଣ୍ଟ କଲେକ୍ଟର ରିନା ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ପ୍ରମୁଖ ଉପସ୍ଥିତ ଥିଲେ । ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଧ୍ୟ ଦୁଇଟି ରଥର ଶୁଭାରମ୍ଭ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବେହେରା ଓ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା, ବିପଣନ ଅଧିକାରୀ ମାନସ କୁମାର ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକରୀ ରତ୍ନାକର ବେହେରା, ସୁବାସ ଶବର, ଅନୁଜ ଯନ୍ତ୍ରୀ, ଜୟପ୍ରକାଶ ନାରାୟଣ ଭଟ୍ଟରା, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପଦ୍ମପୁର ବ୍ଲକ ଅଫିସ ପରିସରରେ ଇଭିଏମ ଓ ଭିଭିପାଟ ରଥକୁ ବିଡିଓ ଅଗସ୍ତି ପ୍ରଧାନ ଶୁଭାରମ୍ଭ କରିଛନ୍ତି । ଆସିଷ୍ଟାଣ୍ଡ ଇଂଜିନିୟର ପୂର୍ଣ୍ଣଚନ୍ଦ୍ର ସାହୁ ଓ ଗ୍ରାମପଞ୍ଚାୟତ ଅଧିକାରୀ ଏବଂ ପଦ୍ମପୁର ପୋଲିସର ମିଳିତ ସହଯୋଗରେ ଏହି ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ । ସେହିପରି କାଶୀପୁର ବ୍ଲକରେ ଇଭିଏମ ଓ ଭିଭିପ୍ୟାଟ ରଥ ବିଡିଓ ବେଦବର ପ୍ରଧାନ ଏବଂ ଏବିଡିଓ ବଳରାମ ପାତ୍ର ସବୁଜ ପତକାଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ବିଭିନ୍ନ ଗାଁ ବୁଲି ଲୋକଙ୍କୁ ସଚେତନ କରିବ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଜାନୁୟାରୀ ୮ /୨୦୧୯ Rayagada, Tuesday, January. 8 / 2019

## ସଂକ୍ଷେପରେ

### ଗଡ଼ିଲା ସଚେତନତା ରଥ

ପାରଳାଖେମୁଣ୍ଡି, ୭।୧(ସ୍ୱ.ପ୍ର.): ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସୋମବାର ୨ଟି କାର୍ଯ୍ୟକ୍ରମ ସଂକ୍ରାନ୍ତ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଇଭିଏମ୍ ଓ ଭିଭିପାଟ୍ ସମ୍ପର୍କରେ ଭୋଟରଙ୍କୁ ସଚେତନ କରିବା ପାଇଁ ୧୪ଟି ଏବଂ କାଳିଆ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବାକୁ ୫ଟି ସଚେତନତା ରଥ ବାହାରିଛି। ପ୍ରଥମେ ଇଭିଏମ୍ ଓ ଭିଭିପାଟ୍ ସଚେତନତା ରଥକୁ ଜିଲାପାଳ ଅନୁପମ ଶାହା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାର ଦୁଇଟି ବିଧାନସଭା ମଣ୍ଡଳୀ ପାରଳାଖେମୁଣ୍ଡି ଓ ମୋହନାରେ ୧୪ଟି ସଚେତନତା ରଥ ବୁଲିବ। ଆଗାମୀ ସାଧାରଣ ନିର୍ବାଚନରେ ଇଭିଏମ୍ ସହ ଭିଭିପାଟ୍‌ର ପ୍ରଥମ ଥର ବ୍ୟବହାର ହେବାକୁ ଥିବାରୁ ଏନେଇ ଭୋଟରଙ୍କୁ ଡେମୋ ଦେଖାଇ ସଚେତନ କରାଯିବ। ସେହିପରି ରାଜ୍ୟ ସରକାରଙ୍କ କାଳିଆ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇବା ଲାଗି ଜିଲାପାଳଙ୍କ ଦ୍ୱାରା ୫ଟି ରଥର ଶୁଭାରମ୍ଭ ହୋଇଛି। ଉକ୍ତ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୃଷିଭିତ୍ତିକ ସହାୟତା ଯୋଗାଇ ଦିଆଯିବ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, କୃଷି ଅଧିକାରୀ ବିଜୟ ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଡି.ଗଣପତି, ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆନ୍ଧ୍ରକୁ ବାଲି ଚୋରା ଚାଲାଣ

କାଶୀନଗର, ୭।୧(ଡି.ଏନ.ଏ):ଗଜପତି ଜିଲା କାଶୀନଗରସ୍ଥ ବଂଶଧାରା ନଦୀତଟରୁ ପ୍ରତିଦିନ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ଆନ୍ଧ୍ରକୁ ବାଲି ଚାଲାଣ ହେଉଛି। ଏଥିଯୋଗୁ ସରକାରଙ୍କ ରାଜସ୍ୱହାନୀ ଘଟୁଥିଲେ ମଧ ପ୍ରଶାସନ ଚୁପ୍ ବସିଛି। ସୂଚନାଯୋଗ୍ୟ, କାଶୀନଗର ତହସିଲ ଅଧୀନ ବିଭିନ୍ନ ବାଲି ଖାଦାନକୁ ଲିଜ୍ ସୂତ୍ରରେ ଦିଆଯାଇଛି। କିନ୍ତୁ କେତେକ ଲିଜ୍‌ଧାରୀ ଗାଇଡ୍‌ଲାଇନକୁ ବେଖାତିର କରି ମେଶିନ ଦ୍ୱାରା ବାଲି ଉଠାଇ ଟ୍ରକ୍ ଓ ଟ୍ରାକ୍ଟରରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ଲୋଡ୍ କରି ଆନ୍ଧ୍ରକୁ ପଠାଉଛନ୍ତି। ବାଲି ପରିବହନ ବେଳେ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟରେ ବାଲି ପଡ଼ି ଦୁର୍ଘଟଣା ଘଟୁଛି। ବାଲି ଚୋରା ଚାଲାଣ ନେଇ ତହସିଲଦାର ଶାନ୍ତସ୍ୱରୂପ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, ବଂଶଧାରାରୁ ଆନ୍ଧ୍ରକୁ ବାଲି ଚାଲାଣ ଉପରେ କଟକଣା ରହିଛି। ଯଦି କୌଣସି ବେଆଇନ କାର୍ଯ୍ୟ ନଜରକୁ ଆସେ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜିଲା ଅଙ୍ଗନୱାଡ଼ି କର୍ମୀ ସଂଘର ବିକ୍ଷୋଭ

■ ଅତିରିକ୍ତ ଜିଲାପାଳଙ୍କୁ ୧୮ଦଫା ଦାବିପତ୍ର ପ୍ରଦାନ

ପାରଳାଖେମୁଣ୍ଡି, ୭।୧(ସ୍ୱ.ପ୍ର.)

ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ସଂଘର ଗଜପତି ଜିଲା ଶାଖା ପକ୍ଷରୁ ୧୮ଦଫା ଦାବି ନେଇ ସୋମବାର ପାରଳାଖେମୁଣ୍ଡିଠାରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଦୀର୍ଘଦିନ ଧରି ସରକାରଙ୍କୁ ଦାବି ସମ୍ପର୍କରେ ଜଣାଇ ସୁଫଳ ନ ମିଳିବାରୁ ଏହି ଆନ୍ଦୋଳନ କରାଯାଇଛି। ଜିଲା ଶାଖା ସଭାନେତ୍ରୀ ପୁଷ୍ପାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ୫ଶହରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା କର୍ମୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଂଘର ମୁଖ୍ୟ ଦାବିଗୁଡିକ ହେଲା ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ ମାନ୍ୟତା, ସର୍ବନିମ୍ନ ମାସିକ ୧୮ହଜାର ଓ ସହାୟିକାଙ୍କୁ ୯ହଜାର ଟଙ୍କା ଦରମା, ସୁପରଭାଇଜର ପଦବୀକୁ କେବଳ ଅଙ୍ଗନୱାଡ଼ି କର୍ମୀଙ୍କୁ ପଦନ୍ନୋତି, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀ ମାନ୍ୟତା, ଖାଦ୍ୟ ତାଲିକା ମୂଲ୍ୟ ବୃଦ୍ଧି, ସହରାଞ୍ଚଳରେ ଘରଭଡା, ଅବସରବେଳେ ୨ଲକ୍ଷ ଟଙ୍କା ଗ୍ରାଚ୍ୟୁଇଟି, ଅବସରକାଳୀନ ଭତ୍ତା ଦେବା ଇତ୍ୟାଦି। ଏନେଇ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମ୍ପାଦିକା ଅଞ୍ଜଳି ନାୟକ, କୋଷାଧ୍ୟକ୍ଷା ଅଜନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡ଼ି କର୍ମୀମାନେ ଧାରଣା ଦେଇଛନ୍ତି ।

### ୩ ଚାଷୀ ନିର୍ମାଣ କଲେ କୃଷି ଯନ୍ତ୍ରପାତି

ପାରଳାଖେମୁଣ୍ଡି, ୭।୧(ସ୍ୱ.ପ୍ର.)

ଗଜପତି ଜିଲାର ୩ଜଣ ଚାଷୀ ବିଭିନ୍ନ କୃଷି ଯନ୍ତ୍ରପାତି ନିର୍ମାଣ କରି ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି । ସେମାନେ ହେଲେ ମୋହନା ବ୍ଲକ ଚାନ୍ଦିପୁଟ ପଞ୍ଚାୟତ କଦମ୍ବଚୁଆଁ ଗ୍ରାମର ଉମାକାନ୍ତ ନାୟକ, ଗୋବିନ୍ଦପୁର ପଞ୍ଚାୟତର ଉମାକାନ୍ତ ସାହୁ ଏବଂ ଆର୍.ଉଦୟଗିରି ବ୍ଲକ ସୁବଲଡା ପଞ୍ଚାୟତ ଫୁଙ୍କା ଗ୍ରାମର ମାଧବ ବେହେରା । ଏହି ଚାଷୀମାନେ ଅତି କମ୍ ଖର୍ଚ୍ଚରେ ମକା ଓ ପନିପରିବା ଚାଷ ପାଇଁ ଏକ ମେଶିନ, ୪ ଧାଡି ବିହନ ଗଜାବୁଣା ହାତଟଣା ଯନ୍ତ୍ର, ଚାରା ଲଗାଇବା, ବିହନ ପକାଇବା, ସାର ପ୍ରୟୋଗ, ଖୋସା କରିବା, ମାଟି ଟେକିବା ଓ ଅନ୍ୟ ଘରୋଇ କାମରେ ବ୍ୟବହାର ନିମନ୍ତେ ଅଲ୍‌ରାଉଣ୍ଡର ମେଶିନ ତିଆରି କରିଛନ୍ତି। ଯାହାଦ୍ୱାରା ଚାଷୀମାନେ ଉପକୃତ ହୋଇପାରିବେ। ଏମାନଙ୍କୁ ଗଜପତି ଜିଲାପାଳ ଅନୁପମ ଶାହା ଓ ଜିଲା କୃଷି ଉପନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନ ୧୫ହଜାର ଟଙ୍କା ଲେଖାଁଏ ଚେକ୍ ପ୍ରଦାନ କରିଛନ୍ତି।

## ସହରାଞ୍ଚଳରେ କାଳିଆ ଯୋଜନା ଲାଗୁ ଦାବି



କାଶୀନଗର କୃଷକ ସମାଜ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

କାଶୀନଗର, ୭।୧(ଡି.ଏନ.ଏ.)

ସହରାଞ୍ଚଳରେ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଲାଗୁ କରାଯିବା ପାଇଁ ଗଜପତି ଜିଲାର କାଶୀନଗର କୃଷକ ସମାଜ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ କାଶୀନଗର ବିଡିଓ ଶାନ୍ତି ସ୍ୱରୂପ ମିଶ୍ର ଏବଂ ଉପକୃଷି ଅଧିକାରୀ ଶ୍ରୀନିବାସ ରାଓଙ୍କୁ ଦାବିପତ୍ର ଦିଆଯାଇଛି। କାଶୀନଗର ଏନ୍‌ଏସିରେ କାଳିଆ ଯୋଜନା ଲାଗୁ କରାଯିବା, ତିତ୍‌ଲି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା, ବିହନ ଓ ସାର ଆଦି ଯୋଗାଇବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ଭାଜପା ଜିଲା ସଭାପତି ନଳିନୀକାନ୍ତ ପାତ୍ର, ନଗର ସଭାପତି ପ୍ରଶାନ୍ତ ସାହୁ, କୃଷକ ସମାଜ ଆବାହକ ହୃଷିକେଶ ଗୌଡ, କୃଷକ ନେତା ମୀନା ରାଓ, କୋକ ପାଣିଗ୍ରାହୀ, ଆର୍. ମୁରଲୀକ୍ରିଷ୍ଣା ଏବଂ ଆର୍. ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ।




ଶିବିରରେ ଉପସ୍ଥିତ ଅତିଥି ଏବଂ ଗ୍ରାମବାସୀ ।

## ଆଟିଲିମ୍ବା ଗ୍ରାମରେ ଆଇନ ସଚେତନତା ଶିବିର

ପାରଳାଖେମୁଣ୍ଡି, ୭।୧(ସ୍ୱ.ପ୍ର.)

ଗଜପତି ଜିଲା ନୂଆଗଡ ବ୍ଲକର ଆଟିଲିମ୍ବା ଗ୍ରାମରେ ରେଜ୍ ଫାଉଣ୍ଡେଶନ ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମହିଳାଙ୍କ ସୁରକ୍ଷା, ସାମ୍ବିଧାନିକ ମୌଳିକ ଅଧିକାର, ମାନବିକ ଅଧିକାର ଏବଂ ଏ ସଂକ୍ରାନ୍ତ ଆଇନ ଇତ୍ୟାଦି ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ସମାଜରେ ରହିଥିବା କୁସଂସ୍କାର, କୁପ୍ରଥା ଦୂର କରିବା ପାଇଁ ଆଇନ କିପରି କାର୍ଯ୍ୟ କରିଥାଏ ଏବଂ ଲୋକେ କିପରି ଆଇନର ସହାୟତା ନେଇପାରିବେ ସେବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଜ୍ ଫାଉଣ୍ଡେସନର ସଦସ୍ୟ ଆଇନଜୀବୀ ବିଭୂତି ଭୂଷଣ ମହାପାତ୍ର, ରଶ୍ମିତା କୁମାରୀ ରଥ, ଶିବ ପ୍ରସାଦ ପଣ୍ଡା, ସାମଜିକ କର୍ମୀ ମଧୁସୁଦନ ସେଠୀ, ସୁପ୍ରଭା ଦାସ, କେଶବ ରେଡ୍ଡୀ, ସିପ୍ରାନ୍ ବୀର୍ ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ପାରଳାଖେମୁଣ୍ଡି, ୭।୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିଠାରେ ସୋମବାର ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ ଗତ ମାସର ବିବରଣୀ ପାଠ କରିଥିଲେ। ପାରଳାଖେମୁଣ୍ଡିସ୍ଥିତ ଏସ୍‌ବିଆଇ ମୁଖ୍ୟଶାଖାରେ ପେନ୍‌ସନ ହିତାଧିକାରୀଙ୍କ ପାଇଁ ମାସର ପ୍ରଥମ ସପ୍ତାହରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଉ ନ ଥିବାରୁ ଅବସରପ୍ରାପ୍ତ କର୍ମଚାରୀମାନେ ପେନ୍‌ସନ୍ ଉଠାଇବା ଓ ନିଜ ଜମାଖାତାର ବିବରଣୀ ପାଇଁ ହଇରାଣ ହେଉଛନ୍ତି। ତେଣୁ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟ ଦୈନିକ ବଜାର ସମ୍ମୁଖ ରାସ୍ତା ମରାମତି କରାଯିବାକୁ ଦାବି ହୋଇଛି। ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ଜିଲାରୁ ୫ଜଣ ପ୍ରତିନିଧି ଯୋଗଦେବେ ବୋଲି ସ୍ଥିର ହୋଇଛି। ବୈଠକରେ ଉପସଭାପତି ବନମାଳୀ ମହାପାତ୍ର, ବିନୋଦ ଚନ୍ଦ୍ର ଜେନା, ଜଗଦୀଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ବିଭିନ୍ନ ଦାବି ନେଇ ଗର୍ଜିଲା ନବନିର୍ମାଣ କୃଷକ ସଙ୍ଗଠନ

# ଗୋଷାଣି ବ୍ଲକ ଅଫିସ ଘେରାଉ



ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ଗୋଷାଣି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

ଗୋଷାଣି/ପାରଳାଖେମୁଣ୍ଡି, ୭।୧(ଡି.ଏନ.ଏ/ସ୍ୱ.ପ୍ର.)

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଗୋଷାଣି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସଙ୍ଗଠକ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ଜିଲା କୃଷକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, କୃଷକ ନେତା ସଂଗ୍ରାମ ବିଶୋୟୀଙ୍କ ସମେତ ଶତାଧିକ କୃଷକ ସାମିଲ ହୋଇଥିଲେ। ରିଲିଫ କୋଡ୍‌ରେ ଯେଉଁ ସହାୟତା ରାଶି ସମ୍ପର୍କରେ ଉଲ୍ଲେଖ ରହିଛି ଚାଷୀଙ୍କୁ ସେହି ସହାୟତା ମିଳୁନାହିଁ ବୋଲି ନନ୍ଦ ଅଭିଯୋଗ କରିଥିଲେ। ସେହିପରି ଧାନବିକ୍ରିରେ ମନ୍ତ୍ରୀ, ମିଲର ଓ ପ୍ରଶାସନର ମଧୁଚନ୍ଦ୍ରିକା ରହିଥିବା ଅଭିଯୋଗ ଆଣି ଏଥିଯୋଗୁ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ରାଜ୍ୟ ସହସଂଯୋଜକ ଉମାକାନ୍ତ ରାଉତ ଧାନମଣ୍ଡିକୁ ନେଇ ଅମଲାତନ୍ତ୍ରକୁ ଦୃଢ ସମାଲୋଚନା କରିବା ସହ ଏହା ବ୍ରିଟିଶ ଚରିତ୍ର ବୋଲି କହିଥିଲେ। ମଣ୍ଡିଗୁଡିକରେ ଧାନର ଉଚିତ ମୂଲ୍ୟ ପ୍ରଦାନ ଓ ବେରଙ୍ଗୀ ଧାନ କ୍ରୟ ସମ୍ପର୍କରେ ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ ବୋଲି ଯୁବ ସଂଗଠକ ମନୱର ଅଲ୍ଲୀ କହିଥିଲେ। ପାରଳା ସ୍ୱଭିମାନ ମଞ୍ଚ ମୁଖ୍ୟ ତିରୁପତି ପାଣିଗ୍ରାହୀ ଯୋଗଦେଇ ତିତ୍‌ଲି ଓ ପେଥାଇ ବାତ୍ୟା ଯୋଗୁ ହୋଇଥିବା ଫସଲ କ୍ଷୟକ୍ଷତିର ସଠିକ ଆକଳନ କରି ତା'ର ଭରଣା କରାଯିବାକୁ ଦାବି କରିଥିଲେ। ତିତ୍‌ଲି କ୍ଷତିଗ୍ରସ୍ତଙ୍କ ପ୍ରତି ପ୍ରଶାସନ ସହଯୋଗର ହାତ ନ ବଢାଇଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବା ସହ ଚାଷୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଥିଲା। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଇଜୁ ଅମିନ୍ ଖାନ୍, ଦାମୋଦର ରାଓ, ପି. ରାମୁଲୁ ପ୍ରମୁଖ ସାମିଲ ଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୭।୧(ସ୍ୱ.ପ୍ର.)

ଗଜପତି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା, ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୫୭ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରେ ୧୧ଟି ସାମୂହିକ ଓ ୪୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୋଟ ୪୦ହଜାର ଟଙ୍କା ମଞ୍ଜୁର ହୋଇଥିଲା।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ